ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK
पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25. No.260 Bhubaneswar Monday December 05, 2022 ୨୫ତମ ବର୍ଷ ସଂଖ୍ୟା-୨୬୦ ଭୁବନେଶ୍ୱର, ସୋମବାର, ଡିସେମ୍ବର ୦୫,୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଭୁବନେଶ୍ୱର ଏମ୍ସରେ ସ୍ୱାସ୍ଥ୍ୟ ସେବା ସ୍ଥିତି ଅନୁଧ୍ୟାନ କଲେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ

**ଭୁବନେଶ୍ୱର, (ପିଏନ)-** କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଡାକ୍ତର ଭାରତୀ ପ୍ରବୀଣ ପୱାର ରବିବାର ଭୁବନେଶ୍ୱର ଏମ୍ସ ପରିଦର୍ଶନ କରି ସ୍ୱାସ୍ଥ୍ୟ ସେବା ସ୍ଥିତି ଅନୁଧ୍ୟାନ କରିଛନ୍ତି । ଏମ୍ସ ପରିସରରେ ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଓ ବରିଷ୍ଠ ଅଧିକାରୀମାନଙ୍କୁ ସମ୍ବୋଧିତ କରି ଡାକ୍ତର ପୱାର କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ସମସ୍ତଙ୍କୁ ଶସ୍ତା ଓ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ସଂକଳ୍ପବଦ୍ଧ ।

କେନ୍ଦ୍ର ମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କ ସହିତ ଏମ୍ସର ପରିଚାଳନା କାର୍ଯ୍ୟ ସମୀକ୍ଷା କରିଥିଲେ। ଏମ୍ସ ଅଧିକାରୀମାନଙ୍କ ସହିତ ମତବିନିମୟ କରି କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ, ନାଗରିକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲାଗି ସରକାର ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଇ-ସଞ୍ଜିବନୀ ଭଳି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ।

ଗରିବ ଓ ବଞ୍ଚିତ ବର୍ଗର ନାଗରିକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସମର୍ପିତ ହୋଇ କାର୍ଯ୍ୟ କରିବା ଲାଗି ଏମ୍ସ ଅଧିକାରୀମାନଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଆହ୍ୱାନ କରିଥିଲେ । ସେ ମଧ୍ୟ ଟେଲିମେଡ଼ିସିନ ସେବାକୁ ସୁଦୃଢ଼ କରିବା ଏବଂ ଅଧିକ ସମୟ ଧରି ଚିକିତ୍ସା ପାଇଁ ଅପେକ୍ଷା କରୁଥିବା ରୋଗୀଙ୍କ ସମସ୍ୟା ଦୂର କରିବା ଲାଗି ପରାମର୍ଶ ଦେଇଥିଲେ । ଏହାଦ୍ୱାରା ଅଧିକ ସଂଖ୍ୟକ ରୋଗୀଙ୍କୁ ଚିକିତ୍ସା ସେବା ମିଳିପାରିବ ବୋଲି ସେ କହିଥିଲେ ।ଏହି ଅବସରରେ ଏମ୍ସ ପରିସରରେ ଏକ ବହୁମୁଖୀ ଅଟ୍ଟାଳିକାକୁ କେନ୍ଦ୍ର ମନ୍ତ୍ରୀ ଉଦଘାଟନ କରିଥିଲେ ଏବଂ କ୍ୟାମ୍ପସରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ବେଆଇନ କୋଇଲା ଚାଲାଣ ଗାଡ଼ି ଜବତ

କୋରାଇ,(ପିଏନ)-ପାଣିକୋଇଲି ପୁଲିସ ବେଆଇନ ଚାଲାଣ ଏକ ଚୋରା କୋଇଲା ଗାଡିକୁ ଜବତ କରିବାକୁ ସକ୍ଷମ ହୋଇଛି । ଏନେଇ ଅଧିକ ତଦନ୍ତ ଜାରି ରହିଛଇ । ପ୍ରକାଶଯେ ରାଜପଥରେ ବେଆଇନଭାବେ ଚୋରା କୋଇଲା ଗାଡି ଚାଲାଣ ହେଉଥିବା ଖବର ପାଇ ପାଣିକୋଇଲି ପୁଲିସ ଯାଂଚ ସମୟରେ ତାଳଚେରରୁ ଆସୁଥିବା ଏକ ଏକ କୋଇଲା ବୋଝେଇ ଟ୍ରକ ( (ଓଡି ୩୫ ଜି ୦୫୨୫)କୁ ଜବତ କରିଛି

# ପଦ୍ମପୁରରେ ଭୋଟ୍ ଗ୍ରହଣ ଆଜି



**ଭୁବନେଶ୍ୱର,(ପିଏନ)-** ପଦ୍ମପୁରରେ ଭୋଟ ଗ୍ରହଣ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଂଚି ସାରିଛି । ପୋଲିଂ ପାର୍ଟି ବୁଥକୁ ଯାଇ ସାରିଛନ୍ତି। ମତଦାନକୁ ଶାନ୍ତିପୂର୍ଣ ଓ ସୁରୁଖୁରରେ କରାଇବାକୁ ସମସ୍ତ ପ୍ରସ୍ତୁତି କରାଯାଇଛି । ପଦ୍ମପୁର ଉପନିର୍ବାଚନ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ ଏକ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ବିସ୍ତୃତ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ୧୨୭୬ ପୋଲିଂ ଅଧକାରୀ ନିଯୁକ୍ତ ହୋଇଛନ୍ତି। ସାଇଲେନ୍ସ ପିରିୟଡରେ ଚେକିଂ କଡ଼ାକଡି କରିବାକୁ ଜିଲ୍ଲାପାଳ ଓ ଏସପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମଦ ବିକ୍ରି ଉପରେ ବି କଟକଣା ଲାଗିଛି। ଇଭିଏମରେ ତ୍ରୁଟି ଥିଲେ, ନୂଆ ଇଭିଏମ ପାଇଁ ବ୍ୟବସ୍ଥା ଅଛି। ସେ କହିଛନ୍ତି ଯେ ୨ ଲକ୍ଷ ୫୭ ହଜାରରୁ ଅଧିକ ଭୋଟର ଆସନ୍ତାକାଲି ମତ ସାବ୍ୟସ୍ତ କରିବେ ସେ କହିଛନ୍ତି ଯେ ୧୨ଟି ଡକ୍ୟୁମେଂଟ ନେଇ ଭିତରୁ ଯେ କୌଣସିଟି ନେଇ ଭୋଟ ଦେବାକୁ ଭୋଟର ଆସିପାରିବେ। ଦିବ୍ୟାଙ୍ଗ ଭୋଟର ପାଇଁ ଘରୁ ଆଣି ଛାଡ଼ିବା ଲାଗି ଗାଡ଼ିର ବ୍ୟବସ୍ଥା ହୋଇଛି। ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏ ମତଦାନ ଚାଲିବ। ୧୫ଟି ମଡେଲ ଓ ୬ଟି ପିଙ୍କ୍ ବୁଥ ହୋଇଛି। ୭୯ଟି କ୍ରିଟିକାଲ୍ ବୁଥ ଅଛି। ୧୨୦ବୁଥରେ ୱେବ୍ କାଷ୍ଟିଂ ଓ ୬୬ଟି ବୁଥରେ ସିସିଟିଭି ଲାଗିଛି। ୧୪୧୩ ପୁଲିସ ନିଯୁକ୍ତ ଅଛନ୍ତି ଓ ୯ ୯ଟି ଟା ସିଆରପିଏଫ୍ କମ୍ପାନି ନିଯୁକ୍ତ ହୋଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।

ଇଭିଏମରେ ତ୍ରୁଟି ଆସିଲେ ଅଧଘଂଟା ଭିତରେ ଏହାକୁ ପରିବର୍ତ୍ତନ କରାଯିବ । ମୋଟ୍ ୩୧୯ ବୁଥ୍ ମଧ୍ୟରୁ ୩୦୬ଟିର ନାମ ବଦଳିଛି । ୧୫ଟି ମଡେଲ ବୁଥ, ୬ପିଙ୍କ୍ ବୁଥର ବ୍ୟବସ୍ଥା ହୋଇଛି। ୭୯ ସମ୍ବେଦନଶୀଳ ବୁଥ ଉପରେ ନଜର ରଖାଯାଇଛି ମତଦାତା ମାନେ ହେଲପ ଡେସ୍କରୁ ସାହାଯ୍ୟ ନେଇପାରିବେ । ଭିନ୍ନକ୍ଷମ ଭୋଟରଙ୍କ ମତଦାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଭୋଟ୍ ଦିନ ସଂପୃକ୍ତ ଅଂଚଳ ପାଇଁ ସରକାରୀ ଛୁଟି ଘୋଷଣା ହୋଇସାରିଛି । ସକାଳ ୭ରୁ ଅପରାହ୍ନ ୪ଟା ଯାଏଁ ମତଦାନ କରିପାରିବେ । ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଏଥିପାଇଁ ୧୪୧୩ ଜଣ ପୋଲିସ କର୍ମଚାରୀ, ୯ କମ୍ପାନୀ ସିଆରପିଏଫ ନିୟୋଜିତ ହୋଇଛନ୍ତି ।



ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆନ୍ଧ୍ର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ସ୍ୱାଗତ କରୁଛନ୍ତି, ପାଖରେ ଅଛନ୍ତି ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ

# ଆଜି ଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



**ଭୁବନେଶ୍ୱର, (ପିଏନ)-** ବିଜେଡି ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତାକାଲି ଦିଲ୍ଲୀ ଯିବେ । ଜି -୨୦ର ଅଧକ୍ଷତା ଭାରତକୁ ମିଳିବା ପରେ ଏହାକୁ ନେଇ ପରାମର୍ଶ ଦେବାକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ ହେବାକୁ ଥିବା ବୈଠକରେ ସେ ଭାଗ ନେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୋଦି ଉପସ୍ଥିତ ରହିବେ ।

ଉଲ୍ଲେଖନୀୟ ଯେ ରାଷ୍ଟ୍ରପତି ଭବନରେ ଆୟୋଜିତ ହେବାକୁ ଥିବା ବୈଠକ ପାଇଁ ୪୦ଟି ରାଜନୈତିକ ଦଳକୁ ଆମନ୍ତ୍ରଣ ଦିଆଯାଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲାଦ ଜୋଶୀ ଏହି ଦଳ ମାନଙ୍କୁ ନିମନ୍ତ୍ରଣ ଦେଇଛନ୍ତି । ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାର ସମ୍ଭାବନା ରହିଛି।

# ଶ୍ରୀମନ୍ଦିର ଫଟୋ ଭାଇରାଲ ଘଟଣା: କ୍ଷମା ମାଗିଲେ ୟୁଟ୍ୟୁବର

**ପୁରୀ,(ପିଏନ)-** ଶ୍ରୀମନ୍ଦିର ଫଟୋକୁ ଡ୍ରୋନ୍ କ୍ୟାମେରାରେ ଉଠାଇ ୟୁଟ୍ୟୁବ୍‌ରେ ଭାଇରାଲ କରିଥିବା ଯୁବକ ଜଣକ ଆଜି ସାମାଜିକ ଗଣମାଧ୍ୟମ ଜରିଆରେ ଭୁଲ୍ ସ୍ୱୀକାର କରିଥିବା ଜଣାପଡ଼ିଛି । ଶ୍ରୀମନ୍ଦିର ଉପରେ ଡ୍ରୋନ୍ କ୍ୟାମେରା ଉଡାଇ ଫଟୋ ସଂଗ୍ରହ କରିବା ପରେ ଏହାକୁ ୟୁଟ୍ୟୁବ୍ ଚାନେଲରେ ଛଡ଼ାଯାଇଥିଲା । ଯାହାକୁ ନେଇ ଶ୍ରୀମନ୍ଦିରର ସୁରକ୍ଷା ଓ ଭକ୍ତମାନଙ୍କ ମନରେ ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ଏ ସଂପର୍କରେ ଶ୍ରୀଜଗନ୍ନାଥ ଐତିହ୍ୟ ଓ ସାଂସ୍କୃତି ପରିଷଦ ଓ ଭଏସ୍ ଅଫ୍ କମନମ୍ୟାନ୍ ପକ୍ଷରୁ ଶ୍ରୀମନ୍ଦିର ଥାନାରେ ଏତଲା ଦାଏର ହୋଇଥିଲା । ଏହା ଜାଣିପାରି ଭାଇରାଲ କରିଥିବା ଯୁବକ କଲିକତା ଅନିମେଷ ଚକ୍ରବର୍ତ୍ତୀ ଭୁଲ୍ ସ୍ୱୀକାର କରିଛନ୍ତି । ଏହି ଫଟୋରେ ନୀଳଚକ୍ର ଧ୍ୱଜାବନ୍ଧା, ବିମଳା ମନ୍ଦିର, ନାଟ ମଣ୍ଡପ, ଜଗମୋହନ ଆଦି ଅଂଚଳ ସ୍ପଷ୍ଟ ଭାବେ ଦୃଶ୍ୟମାନ ହୋଇଛି । ଯାହା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି । ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ନୋ ଫ୍ଲାଇଙ୍ଗ ଜୋନ୍ ଘୋଷଣା ହୋଇଥିଲେ କିପରି ବାରମ୍ବାର ଡ୍ରୋନ୍ କ୍ୟାମେରା ଉଡ଼ାଯାଉଛି ତାକୁ ନେଇ ଭକ୍ତଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି । ଏଥିପାଇଁ କିଏ ଅନୁମତି ଦେଲା ତାଙ୍କ ସହିତ ଆଉ କେଉଁ ବ୍ୟକ୍ତି ସଂପୃକ୍ତ ଅଛନ୍ତି ପୋଲିସ୍ ଜାଣିଥିଲା କି ନାହିଁ, ଡ୍ରୋନ୍ ଉଡ଼ିବା ସମୟରେ କେହି କିପରି ଦେଖିପାରିଲେ ନାହିଁ ତାକୁ ନେଇ ଭକ୍ତ ଚିନ୍ତା ପ୍ରକଟ କରିଛନ୍ତି । ଶ୍ରୀମନ୍ଦିର ସୁରକ୍ଷା ପାଇଁ ସୁରକ୍ଷା ଜୋନ୍ ହୋଇଥିଲେ ମଧ୍ୟ ପୋଲିସ୍ ଆଖିରେ ଜଣେ ବାଂଗଲା ଦେଶୀ ଯୁବକ ରତ୍ନସିଂହାସନର ଫଟୋ କିଛିଦିନ ତଳେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହି ଘଟଣା ପରେ ପୁରୀ ଏସ୍.ପି. କେ. ବିଶାଲ ସିଂ କୌଣସି ପୋଲିସ୍ ବିନା ଅନୁମତିରେ ସ୍ମାର୍ଟ ଫୋନ୍ ନେଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ । ଶ୍ରୀମନ୍ଦିରର ସମସ୍ତ ଅଂଶକୁ ଫଟୋ ଉଠାଇ ଥିବାରୁ ଏହା ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି ବୋଲି ଆଲୋଚନା ହେଉଛି ।

# ମାନବୀୟ ଭାବନା ପାଇଁ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିଛି ନୌସେନା : ମୋଦୀ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ନୌସେନା ଦିବସ ଅବସରରେ ନୌସେନାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଏହା ଦେଶକୁ ନିରନ୍ତର ରକ୍ଷା କରିଆସୁଛି । ସଙ୍କଟ ସମୟରେ ଦେଶର ସୁରକ୍ଷା କରୁଛି। ନୌସେନା କଠିନ ସ୍ଥିତିରେ ମଧ୍ୟ ନିଜର ମାନବୀୟ ଭାବନା ଦ୍ୱାରା ନିଜର ଏକ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛି। ୧୯୭୧ ମସିହାରେ ଭାରତ-ପାକ ଯୁଦ୍ଧ ସମୟରେ ଅପରେଶନ ଟ୍ରାଇଡେଣ୍ଟରେ ନୌସେନାର ସଫଳତା ନେଇ ପ୍ରତିବର୍ଷ ଡିସେମ୍ବର ୪ରେ ନୌସେନା ଦିବସ ପାଳନ କରାଯାଉଛି। ନୌସେନା ଦିବସରେ ସମସ୍ତ ନୌସୈନିକ ତଥା ସେମାନଙ୍କ ପରିବାରବର୍ଗଙ୍କୁ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଛନ୍ତି। ଆମେ ଭାରତରେ ତୁମର ସମୃଦ୍ଧ ସାମୁଦ୍ରିକ ଇତିହାସ ପାଇଁ ଗର୍ବିତ। ସେ ଟୁଇଟ କରି ଲେଖିଛନ୍ତି ଯେ ଭାରତୀୟ ନୌସେନା ଆମ ଦେଶକୁ ସୁରକ୍ଷା ପ୍ରଦାନ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହାସଲ କରିଛି। ନୌସେନା ମୁଖ୍ୟ ଆଡମିରାଲ ଆର ହରି କୁମାର, ସିଡିଏସ ଜେନେରାଲ ଅନିଲ ଚୌହାନ, ଆଇଏଏଫ ମୁଖ୍ୟ ବାୟୁସେନା ମାର୍ଶଲ ଭି.ଆର ଚୌଧୁରୀ ଏବଂ ଉପ ସେନା ମୁଖ୍ୟ ଲ୍ୟୁଟନାଟ ଜେନେରାଲ ବିଏସ ରାଜୁ ନୌସେନା ଦିବସ ଅବସରରେ ଜାତୀୟ ଯୁଦ୍ଧ ସ୍ମାରକୀରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।ନୌବାହିନୀର ପରାକ୍ରମକୁ ମନେପକାଇବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଡିସେମ୍ବର ୪ ତାରିଖରେ ଭାରତୀୟ ନୌସେନା ଦିବସ ପାଳନ ହେଉଛି । ଭାରତୀୟ ସଶସ୍ତ୍ର ବଳରେ ନୌସେନାର ଭୂମିକା ଅନ୍ୟତମ । ଜଳ ସୀମାରେ ଦେଶ ସୁରକ୍ଷା ପାଇଁ ଭାରତୀୟ ନୌସେନା ବଦ୍ଧପରିକର । ମରାଠା ସମ୍ରାଟ ଛତ୍ରପତି ଶିବାଜୀ ଭୋସ୍‌ଲେଙ୍କୁ ଭାରତୀୟ ନୌସେନାର ଜନକ କୁହାଯାଏ । ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧରେ ନୌସେନା ଅନ୍ୟତମ ଭୂମିକା ଗ୍ରହଣ କରିଥିଲା । ଭାରତୀୟ ଯୋଦ୍ଧାଙ୍କ ରଣନୀତିର ମାତ୍ ଖାଇଥିଲା ପାକିସ୍ତାନ । ଅପରେସନ ଟ୍ରାଇଡେଣ୍ଟରେ ଥରହର ହୋଇଥିଲା ଶତ୍ରୁ ପକ୍ଷ । କରାଚି଼ ଏୟାର ଷ୍ଟେସନରେ ହମଲା କରିଥିଲା ଭାରତୀୟ ନୌସେନା । ଏଥିରେ ପାକିସ୍ତାନର ବହୁ ଯୁଦ୍ଧାସ୍ତ୍ର ଜାହାଜ ସହିତ ଅଏଲ୍ ଟାଙ୍କର ନଷ୍ଟ ହୋଇଥିଲା । ତେବେ ନୌସେନାର ଏହା ପରାକ୍ରମକୁ ମନେପକାଇବାକୁ ପ୍ରତି ବର୍ଷ ଡିସେମ୍ବର ୪ତାରିଖରେ ନୌସେନା ଦିବସ ପ୍ରସ୍ତୁତି ହେଉଛି । ନୌସେନା ଦିବସରେ ନୌବାହିନୀର ପ୍ରମୁଖ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଆଡମିରାଲ ଆର୍ ହରି କୁମାରଙ୍କ ସହିତ ସିଡିଏସ୍ ଜେନେରାଲ ଅନିଲ ଚୌହାନ, ଆଇଏଏଫ୍ ପ୍ରମୁଖ ଏୟାର ଚି଼ଫ୍ ମାର୍ଶଲ ବି.ଆର୍ ଚୌଧୁରୀ ଏବଂ ଭାଇସ୍ ଆର୍ମି ଚି଼ଫ୍ ଲେଫ୍ଟନାଣ୍ଟ ଜେନେରାଲ ବି.ଏସ ରାଜୁ ଉପସ୍ଥିତ ରହି ଜାତୀୟ ଯୁଦ୍ଧ ସ୍ମାରକୀରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।

# ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ପାଳନ




**ଭୁବନେଶ୍ୱର(ପିଏନ):**ପରିବେଶ ପ୍ରତି ପ୍ରତିବଦ୍ଧତାକୁ ଦୋହରାଇ ଏବଂ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସକୁ ପାଳନ କରି ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ଓଡ଼ିଶାର ଯାଜପୁର ଜିଲ୍ଲାର କଳିଙ୍ଗନଗରରେ ଥିବା ଏହାର କାରଖାନାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ରୁ ଅଧିକ ଚାରାରୋପଣ କରାଯାଇଥିଲା ଯେଉଁଥିରେ ଟିଏସ୍‌କେର ଆଗ୍ଲୋମେରେଟେସ୍ ମୁଖ୍ୟ ୱାଇ ଜି ଏସ୍ ପ୍ରସାଦ, ଟିଏସ୍‌କେର ମେକାନିକାଲ୍ ମେଟେଂନାନସ୍‌ମୁଖ୍ୟ ବିଜୟ କୁମାର ନିରାଲା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ ପରିବେଶ ସ୍ୱାସ୍ଥ୍ୟ ପ୍ରତି ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଏଭଳି ବୃକ୍ଷରୋପଣ କାର୍ଯ୍ୟକ୍ରମ ନିୟମିତଭାବେ ଆୟୋଜିତ ହୋଇଆସୁଛି।








# ଦେବାଳୟ ବିମୋଚନ ଟ୍ରଷ୍ଟର ସମ୍ବର୍ଦ୍ଧନା ଉତ୍ସବ

**କଟକ, ୪/୧୨(ପିଏନ) :** ଆଧ୍ୟାତ୍ମିକ ଅନୁଷ୍ଠାନ ଦେବାଳୟ ବିମୋଚନ(ଉତ୍ତରଦେଶ) ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଶତାବ୍ଦୀ ଭବନଠାରେ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ହିନ୍ଦୁଧର୍ମରେ ସର୍ବଶ୍ରେଷ୍ଠ ଗ୍ରନ୍ଥ ହେଉଛି ଭାଗବତ ଗୀତା । ଗୀତା ମାନବ ଜାତିକୁ ସମାଜରେ ଚଳଣି ଓ ସମସ୍ୟାର ସମାଧାନ ପାଇଁ ମାର୍ଗଦର୍ଶନ କରିଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଆନ୍ତର୍ଜାତୀୟ କଥାବ୍ୟାସ ସ୍ୱାମୀ ମୁକୁନ୍ଦ କୃଷ୍ଣ ଦାସ ମହାରାଜ ଯୋଗଦେଇ ଧର୍ମର ଅଧୋଗତି ସମୟରେ ଦେବାଳୟ ବିମୋଚନ ଟ୍ରଷ୍ଟ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭାଗବତ ଗୀତା ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କର ମସ୍ତିଷ୍କରେ ଭଗବତ ଚେତନା ସୃଷ୍ଟି କରିବା ସହିତ ଧର୍ମର ପ୍ରଚାର ପ୍ରସାର କରିବା ସାଧୁ ଉଦ୍ୟମ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ପର୍ଯ୍ୟବେକ୍ଷକ ଓ କଳିଙ୍ଗ କ୍ରୋନିକିଲ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ବାବାଜୀ ବିଶ୍ୱନାଥ ଦାସ ମହାରାଜ, ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ପ୍ରମୁଖ ବକ୍ତବ୍ୟରେ ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି ଅବସରରେ ଭାଗବତ ଗୀତା ପରୀକ୍ଷାରେ ଅବିଭକ୍ତ କଟକ ଜିଲ୍ଲାର ୭୬ଟି ବିଦ୍ୟାଳୟର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବ୍ୟାସ ଫାଉଣ୍ଡେସନ ତରଫରୁ ଗୀତା ପରୀକ୍ଷାରେ ଭାଗ ନେଇଥିବା ମୁସଲିମ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବରେ ବେଦ ପଠନ କରିଥିଲେ ପଣ୍ଡିତ ପ୍ରଶାନ୍ତ ଶତପଥୀ । ଭାଗବତ ଗୀତା ପାଠ କରିଥିଲେ ଶ୍ରୀମତୀ ସାଗରିକା ସାହୁ, ଜାତୀୟ ସଂଗୀତ ଗାନ କରିଥିଲେ ରାଜେନ୍ଦ୍ରନଗର ସରସ୍ୱତୀ ଶିଶୁମନ୍ଦିରର ଗୁରୁମାମାନେ । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା । ସଂଯୋଜକ କୈଳାସ ଚନ୍ଦ୍ର ଜେନା, ପଣ୍ଡିତ ହୃଷିକେଶ ସାହୁ ଓ ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ । ଆଇନଜୀବୀ ଅରବିନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।




# ଗୀତାର ଅମୃତଜ୍ଞାନ



ହିନ୍ଦୁ ପରମ୍ପରା ଅନୁଯାୟୀ ଶ୍ରୀମଦ୍ ଭଗବତ୍ ଗୀତାର ସୃଷ୍ଟି ଦିବସକୁ ଗୀତା ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ମାର୍ଗଶୀର ଶୁକ୍ଳ ଏକାଦଶୀରୁ ଚତୁର୍ଦ୍ଦଶୀ ମଧ୍ୟରେ ଗୀତା ଜୟନ୍ତୀ ପାଳନ କରାଯାଇଥାଏ। ମହାଭାରତ ଯୁଦ୍ଧ ପୂର୍ବରୁ ଯୁଦ୍ଧ ଭୂମିରେ ଆତ୍ମୀୟ ସ୍ୱଜନଙ୍କୁ ଦେଖି ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜ୍ଜୁନଙ୍କୁ ଯୋଗୀରାଜ ଶ୍ରୀକୃଷ୍ଣ ଗୀତା ଉପଦେଶ ପ୍ରଦାନ କରିଥିଲେ। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଛନ୍ଦ ରୂପରେ ଅର୍ଥାତ୍ ଗୀତା ଗାଇ ଉପଦେଶ ପ୍ରଦାନ କରିଥିଲେ। ସେଥିପାଇଁ ଏହାକୁ ଗୀତା କୁହାଯାଇଥାଏ। ସ୍ୱୟଂ ଭଗବାନଙ୍କ ମୁଖ ନିସୃତ ବାଣୀ ହୋଇଥିବାରୁ ଏହି ଗ୍ରନ୍ଥର ନାମ ଭଗବତ ଗୀତା ହୋଇଛି। ଏହି ମହାଗ୍ରନ୍ଥରେ ୧୮ ଅଧ୍ୟାୟ ଏବଂ ୭୦୦ଟି ଶ୍ଳୋକ ରହିଛି। ଭଗବତ ଗୀତାରେ ଏକାଧିକ ବିଦ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ବିଦ୍ୟାଗୁଡ଼ିକ ମଧ୍ୟରୁ ଚାରିଟି ବିଦ୍ୟା ପ୍ରମୁଖ। ଅଭୟ ବିଦ୍ୟା, ସାମ୍ୟ ବିଦ୍ୟା, ଈଶ୍ୱର ବିଦ୍ୟା ଏବଂ ବ୍ରହ୍ମ ବିଦ୍ୟା। ଅଭୟ ବିଦ୍ୟା ମୃତ୍ୟୁ ଭୟ ଦୂର କରିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ସାମ୍ୟ ବିଦ୍ୟା ରୋଗ ଦ୍ୱେଷରୁ ମୁକ୍ତି ଦେଇଥାଏ। ଜୀବ ମଧ୍ୟରେ ସମାନତାର ଭାବ ପ୍ରକଟ କରିଥାଏ। ଈଶ୍ୱର ବିଦ୍ୟା ପ୍ରଭାବରେ ସାଧକ ଅହଂ ଏବଂ ଗର୍ବ ଭଳି ବିକାରରୁ ରକ୍ଷା ପାଇଥାଏ। ବ୍ରହ୍ମ ବିଦ୍ୟା ଦ୍ୱାରା ଅନ୍ତରାତ୍ମାରେ ବ୍ରହ୍ମ ଭାବ ଜାଗ୍ରତ ହୋଇଥାଏ। ଗୀତା ମାହାତ୍ମ୍ୟ ବିଷୟରେ ଶ୍ରୀକୃଷ୍ଣ ପଦ୍ମ ପୁରାଣରେ କହିଛନ୍ତି ଯେ ଏ ଭବ ସାଗରର ବନ୍ଧନରୁ ମୁକୁଳିବା ନିମନ୍ତେ ଗୀତା ହିଁ ଏକମାତ୍ର ପବିତ୍ର ଗ୍ରନ୍ଥ। ଗୀତାର ଉଦ୍ଦେଶ୍ୟ ଈଶ୍ୱରଙ୍କ ଜ୍ଞାନ ବୋଲି ବିବେଚନା କରାଯାଇଥାଏ। ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ। ଅର୍ଜ୍ଜୁନଙ୍କ ସାରଥୀ ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ। ଅର୍ଜ୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ। ଅର୍ଜ୍ଜୁନ ସାହସ ହରାଇଲେ। ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ? ଅର୍ଜ୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ। ଏହି ସମୟରେ ଶ୍ରୀମଦ୍‌ଭାଗବତ ଗୀତାର ଜନ୍ମ ହୋଇଥିଲା। ଭଗବାନଙ୍କ ମୁଖ ନିସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ। ଏହା ହିଁ ଭଗବତ୍ ଗୀତା ଗ୍ରନ୍ଥର ରୂପ ନେଇଥିଲା। ଗୀତାର ଆଧାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ। ବିଶ୍ୱର ଅନେକ ବିଦ୍ୱାନ ଗୀତାକୁ ଧର୍ମ, ଜ୍ଞାନ, ଭକ୍ତି, ଉପାସନା ଏବଂ କର୍ମର ଗୁଢ଼ଗମ୍ଭୀର ମୀମାଂସା ବିଷୟ ଉଲ୍ଲେଖ ଥିବା ଶ୍ରେଷ୍ଠ ଗ୍ରନ୍ଥ ବୋଲି ମାନିଛନ୍ତି। ଭାରତୀୟ ବେଦାଚାର୍ଯ୍ୟମାନେ ଏହାକୁ ଉପନିଷଦ ବୋଲି ମାନିଛନ୍ତି।



ମହାଭାରତ ଯୁଦ୍ଧ କ୍ଷେତ୍ରରେ ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜ୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ କର୍ମଯୋଗର ପାଠ ପଢ଼ାଇ ତାଙ୍କୁ କର୍ମପ୍ରବୃତ୍ତ କରିଥିଲେ। ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ବୁଝାଇଥିଲେ ଯେ ମାନବ ଶରୀର ହେଉଛି ତାଙ୍କ ପାଇଁ ପ୍ରଥମ ଶତ୍ରୁ। ଅର୍ଜ୍ଜୁନ କେବଳ ସେହି ପାପୀ ଶରୀରର ଅନ୍ତ କରିବେ, ଆତ୍ମାର ନୁହେଁ। ମୃତ୍ୟୁବରଣ କରିବା ପରେ ସମସ୍ତ ଆତ୍ମା ସେହି ଅନନ୍ତ ଆତ୍ମାରେ ବିଲୀନ ହୋଇଯାଇଥାନ୍ତି। ଶରୀର କ୍ଷୟଶୀଳ, କିନ୍ତୁ ଆତ୍ମା ଅମର। ଆତ୍ମାକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ। ଏହି ଅବସରରେ ଶ୍ରୀକୃଷ୍ଣ ପରମତତ୍ତ୍ୱଙ୍କ ସେହି ପ୍ରକୃତିର ଦର୍ଶନ ଅର୍ଜ୍ଜୁନଙ୍କୁ କରାଇଥିଲେ। ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜ୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ। ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରି ଯାଇଛନ୍ତି। ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତି ଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। ଗୀତାର ଅମୃତ ଜ୍ଞାନ ହେଉଛି-“ହେ ଅର୍ଜ୍ଜୁନ। କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ। ଏଣୁ ଫଳର ଆଶା ନକରି କର୍ମ କର। କର୍ମ ନକରିବା ଲାଗି ମଧ୍ୟ ତୁମ ମନରେ ଆସକ୍ତି ଉତ୍ପନ୍ନ ନହେଉ। ବିଷୟର ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ। ଯାହା କାମନାକୁ ଜନ୍ମ ଦେଇଥାଏ। ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ। ସ୍ମୃତି ଲୋପ ପାଇଗଲେ ଉଚିତ-ଅନୁଚିତ୍ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ। ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ। ଯେଉଁ ମୂଢ଼ବୁଦ୍ଧି ଇନ୍ଦ୍ରିୟକୁ ହଟପୂର୍ବକ ନିୟନ୍ତ୍ରଣ କରି ମନରେ ତାର ଚିନ୍ତନ କରିଥାଏ, ସେ ମିଥ୍ୟାଚାରୀ ହୋଇଥାଏ। କିନ୍ତୁ ଯିଏ ଇନ୍ଦ୍ରିୟକୁ ମନ ଦ୍ୱାରା ସଂଯମ କରିଥାଏ ସେ ନିରାସକ୍ତ ହୋଇଥାଏ। ଏହା ହିଁ କର୍ମଯୋଗର ଶ୍ରେଷ୍ଠ ଆଚାରଣ। ଯିଏ ଦ୍ୱେଷ ଭାବରୁ ମୁକ୍ତ ହୋଇଥାଏ, ନିସ୍ୱାର୍ଥୀ ହୋଇଥାଏ, ସମସ୍ତଙ୍କୁ ପ୍ରେମ କରିଥାଏ ଏବଂ ଦୟାଳୁ ତଥା ମମତାମୟ ହୋଇଥାଏ, ଅହଂକାର ମୁକ୍ତ ହୋଇଥାଏ, ସୁଖ-ଦୁଃଖରେ ସମାନ ଅନୁଭବ କରିଥାଏ ଏବଂ କ୍ଷମାଶୀଳ ହୋଇଥାଏ। ନିରନ୍ତର ସନ୍ତୁଷ୍ଟ ରହିଥାଏ। ମନ ଏବଂ ଶରୀରକୁ ନିଜ ନିୟନ୍ତ୍ରଣରେ ରଖି ଦୃଢ଼ ସଂକଳ୍ପବଦ୍ଧ ହୋଇଥାଏ, ସେଭଳି ଭକ୍ତ ମୋର ଅତିପ୍ରିୟ। ମନରେ ପ୍ରସନ୍ନତା, ଶାନ୍ତ ଭାବ, ଭଗବାନ ଚିନ୍ତନର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣ ଭାବନାର ପବିତ୍ରତାକୁ ମନ ସମ୍ବନ୍ଧୀୟ ତପ କୁହାଯାଏ।”

—ବିପିନବିହାରୀ ରାଉତ
ଶ୍ରୀବିହାର କଲୋନୀ, କଟକ,
ଦୂରଭାଷ: ୯୪୩୭୬୬୬୪୫୩



# ସୃଷ୍ଟି ପାଇଁ ମାଟି

ଅଲେଖ ଚନ୍ଦ୍ର ସାମଲ, ଓଏଫଏସ-୧ (ଏସବି)

ପୃଥିବୀ ସୃଷ୍ଟିର ଅନେକ ରହସ୍ୟ ମଧ୍ୟରୁ ଗୋଟିଏ ଗ୍ରହଣୀୟ ଯେ ଏହା ଉତ୍ତପ୍ତ ଗ୍ୟାସୀୟ ତରଳପଦାର୍ଥର ଶୀତଳୀକୃତ ଏକ କଠିନ ଆବରଣଯୁକ୍ତ ପିଣ୍ଡ। ସହସ୍ର ନିୟୁତ ବର୍ଷ ଧରି ପ୍ରାକୃତିକ ଶକ୍ତିଗୁଡ଼ିକ ପ୍ରଭାବରେ କଠିନ ଶିଳା ବିତାଡ଼ିତ, ବିଖଣ୍ଡିତ ତଥା ବିଘଟିତ ହୋଇ ସୃଷ୍ଟି କରିଛି ମାଟି, ଯାହା ଭୂପୃଷ୍ଠକୁ ଆଚ୍ଛାଦିତ କରି ରଖିଛି। ସେ ସୁଉଚ୍ଚ ଗିରିଶୃଙ୍ଗ ହେଉ କିମ୍ବା ସମୁଦ୍ର ଚଟାଣ ଅବା ସୁବିସ୍ତୃତ ସମତଳ ପ୍ରାନ୍ତର ସବୁଠି ମାଟିର ଉପସ୍ଥିତି ଦୃଶ୍ୟମାନ। କେବଳ ଫରକ ଆକାର, ସଙ୍ଗଠନ, ସଂରଚନା ଆଉ ରଙ୍ଗରେ। ମାଟିର ଏମିତି ବିଭିନ୍ନତା ପଛରେ ରହିଛି କେବଳ ଭୌଗୋଳିକ, ଜଳବାୟୁ ଏବଂ ଶିଳାଉତ୍ସର ବିବିଧତାଗତ କାରଣ। ଏସବୁ ସତ୍ତ୍ୱେ ମାଟି ସର୍ବତ୍ର ସାଜିଛି ସୃଷ୍ଟି ସର୍ଜନାର ମୂଳମନ୍ତ୍ର। ଏକକୋଷୀ ଜୀବରୁ ଆରମ୍ଭ ହୋଇଥିବା ଜୀବନ୍ତ ପୃଥିବୀର ଅଭିଯାନ ବିବର୍ତ୍ତନବାଦକୁ ଆୟୁଧ କରି ସମ୍ପ୍ରତି ପହଞ୍ଚିଛି ମଣିଷ ପରି ଉନ୍ନତ ଜୀବ ଓ ବୃକ୍ଷଲତା ପାଖରେ। ଏହି କାମରେ ମାଟି ଯେ କେବଳ ଜୀବସତ୍ତାର ପ୍ରାରମ୍ଭିକ କର୍ତ୍ତା ସାଜିଛି ତା ନୁହେଁ ବରଂ ଖଞ୍ଜି ଦେଇଛି ଜୀବିକାର ଉତ୍ସ, ଅମାପ ପ୍ରାକୃତିକ ସମ୍ପଦର ଭଣ୍ଡାର ଆଉ ଅଜାଡ଼ି ଦେଇଛି ଅକଳନୀୟ ଶକ୍ତିର ଉତ୍ସ। ହେଲେ ସମୟକ୍ରମେ ମାଟି ସହିତ ଅଙ୍ଗାଙ୍ଗୀ ଭାବେ ଯୋଡ଼ି ହୋଇ ଆସିଥିବା ମଣିଷର ଆର୍ଥିକ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ଭାବଧାରା ଧୀରେ ଧୀରେ ହ୍ରାସ ପାଉଥିବା ପରିଲକ୍ଷିତ ହେଉଛି। କିଛି ଅଂଶରେ ମାଟି ସହିତ ମଣିଷର ସମ୍ପର୍କ ସଙ୍କୁଚିତ ହୋଇଯାଉଛି ତ ଆଉ କିଛି ଭାଗରେ ମାଟି ଉପରେ ମଣିଷର ଉତ୍ପୀଡ଼ନ ବଢ଼ିଚାଲୁଛି। ମାଟିରୁ ମୋହ ଭାଙ୍ଗିଯାଉ କିମ୍ବା ମଣିଷ ପାଇଁ ମାଟି ଦୁଷ୍ପ୍ରାପ୍ୟ ହେଉ ଉଭୟ ପରିସ୍ଥିତି ଭବିଷ୍ୟତ ବିଶ୍ୱ ପାଇଁ ଉଦ୍‌ବେଗଜନକ। ଏହି ପ୍ରସଙ୍ଗରେ ମିଳିତ ଜାତିସଂଘ ସାଧାରଣ ପରିଷଦ ୨୦୧୩ ମସିହାରେ ଡିସେମ୍ବର ୫ ତାରିଖକୁ ବିଶ୍ୱ ମୃତ୍ତିକା ଦିବସ ରୂପେ ପାଳନ କରିବା ପାଇଁ ବିଧିବଦ୍ଧ ଘୋଷଣା କରନ୍ତି। ଏହାକୁ ଆଉ ଟିକେ ପ୍ରାଧାନ୍ୟ ଦେବାକୁ ଯାଇ ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥା ୨୦୧୫ ମସିହା ଅନ୍ତର୍ଜାତୀୟ ମୃତ୍ତିକା ବର୍ଷ ଭାବେ ପାଳନ କରୁଛି, ଯାହାର ପୂର୍ତ୍ତି ଏ ବର୍ଷ ଡିସେମ୍ବର ୫ ତାରିଖ ଅର୍ଥାତ୍ ବିଶ୍ୱ ମୃତ୍ତିକା ଦିବସ ଅବସରରେ ମନାଯାଉଛି।

ସୁସ୍ଥ ମାଟି ଖାଦ୍ୟ, ବସ୍ତ୍ର, ଜାଳେଣି, ଔଷଧ ଇତ୍ୟାଦି ଯୋଗାଣରେ ଏକମାତ୍ର ଉତ୍ସ ଭାବେ ପରିଗଣିତ। ମାଟି ଆମ ପରିବେଶ ପରିସଂସ୍ଥା ପାଇଁ ଏକ ଅନିବାର୍ଯ୍ୟ ଅଙ୍ଗ। ପରିବେଶର ଅତି ଦରକାରୀ ଅଙ୍ଗାରଚକ୍ର ପାଇଁ ମାଟି ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ପୃଷ୍ଠତଳ ସଂଗୃହୀତ କରି ରଖିବା, ବିଶୁଦ୍ଧ ଭୂତଳ ଜଳ ଉତ୍ସ ସୃଷ୍ଟି ଓ ଜଳ ପ୍ରଦାନ କରିବା ତଥା ବନ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟକୁ ପ୍ରଶମିତ କରିବା ଦିଗରେ ମାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହି ମାଟି ଜୈବିକ ଅଙ୍ଗାରକର ସର୍ବ ବୃହତ୍ତମ ଭଣ୍ଡାର ଯାହା ଜଳବାୟୁ ପରିବର୍ତ୍ତନଜନିତ ପ୍ରତିକୂଳ ପ୍ରଭାବକୁ ପ୍ରଶମନ ତଥା ଖାପ୍ ଖୁଆଇ ନେବାରେ ସାହାଯ୍ୟ କରିଥାଏ। ପ୍ରାୟ ୮୦୦ କୋଟିରୁ ଅଧିକ ବିଶ୍ୱ ଜନସଂଖ୍ୟାରେ ଅନେକ ଲୋକ ଅର୍ଦ୍ଧାହାର, ଅନାହାର, କୁପୋଷଣର ଶିକାର ହୋଇ ଚାଲିଛନ୍ତି। ମିଳିତ ଜାତିସଂଘ ଖାଦ୍ୟ ଓ କୃଷି ସଂସ୍ଥାର ନିର୍ଦ୍ଦେଶକ ଜୋସେ ଗ୍ରାଜିଆନେ ଡି ସିଲ୍‌ଭାଙ୍କ ମତାନୁଯାୟୀ ବର୍ତ୍ତମାନର ଜନସଂଖ୍ୟା ବୃଦ୍ଧି ପାଖାପାଖି ୬୦ ପ୍ରତିଶତ ଅଧିକ ଖାଦ୍ୟ ଉତ୍ପାଦନ ଦରକାର କରେ। ମାତ୍ର ପରିତାପର ବିଷୟ ଏହିକିଯେ ଏତାଦୃଶ ସ୍ଥିତିରେ ବିଶ୍ୱର ୩୩ ପ୍ରତିଶତ ମୃତ୍ତିକା ସମ୍ପଦ ଅବକ୍ଷୟଗାମୀ। ମାଟି ଉପରେ ମଣିଷର ଅତ୍ୟଧିକ ବହୁମୁଖୀ ଚାପ ଏହାକୁ ତାର ସର୍ବନିମ୍ନ କାର୍ଯ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିଚାଲିଛି। ମାଟିର କ୍ଷଣିକ ତଥା ଲାଭଦାୟକ ବ୍ୟବହାର ପାଇଁ ଏହାର ଅବକ୍ଷୟ, ସଙ୍କୋଚନ, ମୃତ୍ତିକା ବନ୍ଧନ, ଲବଣତା ବୃଦ୍ଧି, ଜୈବାଂଶ ପ୍ରତିହତ, ପୋଷଣହୀନତା, ଅମ୍ଳବୃଦ୍ଧି ତଥା ଅନ୍ୟାନ୍ୟ ପ୍ରଦୂଷଣ ମାତ୍ରା ଧୀରେ ଧୀରେ ବଢ଼ିଚାଲିଛି। ଏପରି ସ୍ଥିତି ଲାଗି ରହିଲେ ୧୯୬୦ ମସିହାରେ ମୁଣ୍ଡପିଛା ଉତ୍ପାଦନ କ୍ଷମତାଶୀଳ ମାଟି ଯେତିକି ଥିଲା ତାହା ୨୦୫୦ ମସିହା ବେଳକୁ ଏକ ଚତୁର୍ଥାଂଶରେ ପହଞ୍ଚିଯିବ। ଗୋଟିଏ ସେଣ୍ଟିମିଟର ମୃତ୍ତିକା ସୃଷ୍ଟି ହେବା ପାଇଁ ପ୍ରକୃତିକୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ସମୟ ଲାଗୁଥିଲା ବେଳେ ଆମେ ତାକୁ ୧୦୦୦ ଦିନରୁ କମ୍ ସମୟରେ ନଷ୍ଟ କରିଦେଉଛୁ। ନିରନ୍ତର ଉନ୍ନତିରେ ଖାଦ୍ୟ ସୁରକ୍ଷା ଓ ପୋଷଣ ଅନ୍ୟତମ ଅପରିହାର୍ଯ୍ୟ ଉପାଦାନ ଯାହା କେବଳ ସୁସ୍ଥ ମାଟି ହିଁ ପ୍ରଦାନ କରିଥାଏ। ମାତ୍ର କ୍ରମାଗତ ଭାବେ ନଷ୍ଟ ହୋଇ ଚାଲିଥିବା ମାଟି ଏବେ ପାସୋରି ହୋଇଯାଇଥିବା ଗୋଟେ ସମ୍ପଦର ସ୍ଥିତିରେ ଦଣ୍ଡାୟମାନ। ଜୈବବିବିଧତାର ଏକ ଚତୁର୍ଥାଂଶ ମାଟି ତଳେ ଅବସ୍ଥାନ କରୁଥିବାର ଦେଖାଯାଇଥାଏ। ଅସଂଖ୍ୟ ଅଣୁଜୀବ ଅଦୃଶ୍ୟ ଭାବେ ଅସୁମାରି କାମ କରିଚାଲିଥାନ୍ତି। ପଚାସଢ଼ା ମଇଳା ପଦାର୍ଥକୁ ବିଘଟନ କରି ପରିବେଶକୁ ବିଶୁଦ୍ଧ କରିଥାନ୍ତି ଏମାନେ। ମାଟିର ସଂସ୍ପର୍ଶରେ ସମ୍ଭବ ହୋଇଥାଏ ମଞ୍ଜିର ଅଙ୍କୁରୋଦ୍‌ଗମ, ବିସ୍ତାରିତ ହୁଅନ୍ତି ବୃକ୍ଷରାଜି ଆଉ ସବୁଜିମା। ଏହା ବିଶ୍ୱର ବୃହତ୍ ବିସ୍ମୟ ନୁହେଁ ତ ଆଉ କ’ଣ? ପ୍ରକୃତିର ପରିଚର୍ଯ୍ୟା ଏବଂ ପର୍ଯ୍ୟାବରଣ ପ୍ରତିଷ୍ଠା ପାଇଁ ପ୍ରତ୍ୟେକଟି ଉପାଦାନ ଖଞ୍ଜି ଦେଇଛି ମାଟି।



ମାଟିର ସ୍ତରୀୟ ସଂରଚନା ଦେଇ ଭୂଗର୍ଭଗାମୀ ଭୂପୃଷ୍ଠଜଳର ବିଶୁଦ୍ଧୀକରଣ ପ୍ରକ୍ରିୟା ଯେ କୌଣସି ବୈଜ୍ଞାନିକ ଉପକରଣ ଠାରୁ ଉନ୍ନତମାନର ତାହା ନିଃସନ୍ଦେହ। କିନ୍ତୁ ମାଟିର ଏହି ମହନୀୟତାକୁ ଆମେ କ୍ରମଶଃ ହରାଇବାକୁ ବସିଛୁ। ମଣିଷର ଅପରିଣାମଦର୍ଶୀ ସ୍ୱେଚ୍ଛାଚାରିତାର ଶିକାର ହୋଇଚାଲିଛି ମାଟି। କୁଢ଼ କୁଢ଼ ବର୍ଜ୍ୟବସ୍ତୁର ଆବରଣରେ ଅଦୃଶ୍ୟ ହୋଇ ଚାଲିଛି ମାଟି। ସ୍ୱଳ୍ପ ଜମିରୁ ଅଧିକ ଉତ୍ପାଦନର ଆବଶ୍ୟକତାକୁ ଚରିତାର୍ଥ କରିବାକୁ ଯାଇ ମାଟିରେ ରାସାୟନିକ ସାର, କୀଟନାଶକ, ଜୈବପ୍ରଯୁକ୍ତିର ବହୁଳ ପ୍ରୟୋଗ ମାଟିର ମାନକୁ ନିମ୍ନଗାମୀ କରିପକାଇଲାଣି। ମାଟି ପାଇଁ ସୃଷ୍ଟି ବଞ୍ଚି ରହିଥିବା ବେଳେ ମରିଯାଉଥିବା ମାଟିକୁ ବଞ୍ଚାଇବା, ସଂକ୍ରମିତ ମାଟିକୁ ସୁସ୍ଥ କରିବାର ପ୍ରୟାସ ସମଗ୍ର ମାନବ ସମାଜର କାମ୍ୟ ହେବା ଜରୁରୀ।

-ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍),
ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ: ୯୪୩୭୨୫୭୧୨୩

# ରମାଦେବୀ ଥିଲେ ଓଡିଶାରେ ମହିଳା ସଶକ୍ତିକରଣର ଆଦ୍ୟ ପ୍ରବକ୍ତା




କେନ୍ଦ୍ରାପଡ଼ା (ପିଏନ୍): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜ ସଂସ୍କାରିକା ମା’ ରମାଦେବୀଙ୍କର ୧୨୩ତମ ଜୟନ୍ତୀ ଅବସରରେ ଏକ ଆଲୋଚନା ସଭା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, କେନ୍ଦ୍ରାପଡା ପକ୍ଷରୁ ଜିଲ୍ଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଆବାହକ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ସଭାରେ ରାଷ୍ଟ୍ରୀୟ ଯୁବା ସଂଗଠନର ରାଜ୍ୟ ଆବାହକ ମାନସ ପଟ୍ଟନାୟକ ଯୋଗଦେଇ ରମାଦେବୀଙ୍କୁ ଓଡିଶାରେ ମହିଳା ସଶକ୍ତିକରଣର ଆଦ୍ୟ ପ୍ରବକ୍ତା ଭାବେ ବର୍ଣ୍ଣନା କରି ତାଙ୍କ ପାଇଁ ଓଡିଶାର ମହିଳାମାନେ ସ୍ୱାଧୀନତା ଆନ୍ଦୋଳନ ସହ ସଂଯୁକ୍ତ ହୋଇ ପାରିଥିଲେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଜର ଭରତ ଚନ୍ଦ୍ର ଜେନା, କରୁଣାକର ଦାସ, ଶରତ କୁମାର ରାଉତ, ଅକ୍ରୁର ପଲାଇ, ନିରଞ୍ଜନ ପରିଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ପ୍ରତାପ ପତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶୈଳଜା ଶଙ୍କର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ବର୍ଷିୟାନ ଅଭିନେତ୍ରୀ ଝରଣା ଦାସଙ୍କ ବିୟୋଗରେ ନିରବ ଶ୍ରଦ୍ଧା ଅର୍ପଣ କରାଯାଇଥିଲା।

# ଧ୍ୱନୀ ଅନୁଷ୍ଠାନର ସହଯୋଗରେ ବିଶ୍ୱ ଭିନ୍ନକ୍ଷମ ଦିବସ




କଟକ (ପିଏନ୍): କଟକ କାଠଗୋଲା ରୋଡ୍ ମେଟ୍ରୋପ୍ଲାଜା ସ୍ଥିତ ଧ୍ୱନୀ ବାକ୍ ଶ୍ରବଣ କେନ୍ଦ୍ର ପ୍ରତିଷ୍ଠାନରେ ବିଶ୍ୱଭିନ୍ନକ୍ଷମ ଦିବସ ଦିବସବ୍ୟାପୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ବିଶିଷ୍ଟ ବାକ୍ ଶ୍ରବଣ ବିଶେଷଜ୍ଞ ନାରାୟଣ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ପ୍ରିନ୍ସିପାଲ ଶ୍ରୀମତୀ କାଞ୍ଚନବାଳା ବିଶ୍ୱାଳ ପରିଚାଳନା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦାହରଣ ଦେଇ ଆଜିର ସମୟ ନୁହଁ ଆବହମାନ କାଳରୁ ଦିବ୍ୟାଙ୍ଗ ମାନଙ୍କ କୃତୀ ଓ ସୃଷ୍ଟି ସମାଜ ପାଇଁ ଦିବ୍ୟ ବରଦାନ ଓ ଆଶୀର୍ବାଦ ପାଲଟିଛି ବୋଲି ବିଭିନ୍ନ ଉଦାହରଣ ଉପସ୍ଥାପନ କରି ଶ୍ରୀ ବିଶ୍ୱାଳ ଦିବ୍ୟାଙ୍ଗମାନେ ହିଁ ଆମର ଅମୂଲ୍ୟ ସମ୍ପତ୍ତି ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସଂଯୋଜିକା ତଥା ବାକ୍ ଶ୍ରବଣ ବିଶେଷଜ୍ଞ ଶୁଭଶ୍ରୀ ମହାନ୍ତିଙ୍କ ପୌରହିତ୍ୟରେ କୋମଳମତି ପିଲା ଓ ଅଭିଭାବକଙ୍କ ସମାବେଶ, ପ୍ରତିଭା ମୂଲ୍ୟାୟାନ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ହୋଇଥିଲା। ଦିବ୍ୟାଙ୍ଗ ପିଲାଙ୍କ ମାଆ ମାନଙ୍କର ଅନବଦ୍ୟ ପ୍ରୟାସ ଓ ମହାନ ଉଦ୍ୟମ କେବେ ବ୍ୟର୍ଥ ହେବନାହିଁ ଏବଂ ଆଗାମୀ କାଲିର ଏହି ସୁନେଲୀ ଭବିଷ୍ୟତଧର ମାନଙ୍କୁ ଗଢ଼ି ତୋଳିବାରେ ସମାଜର ସବୁବର୍ଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱବୋଧ ରହିଛି ବୋଲି ଅଧକ୍ଷା ଶ୍ରୀମତୀ ବିଶ୍ୱାଳ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଅମିତା ମହାନ୍ତି, ସୁଜାତା ଖୁଣ୍ଟିଆ, ସୁହାଶିନୀ ବେହେରା, ଅହଲ୍ୟା ବେହେରା, ବିଜୟଲକ୍ଷ୍ମୀ ବେହେରା, ଇଭା ନଳିନୀ ବିହାରୀ ପ୍ରମୁଖ ପରିଚାଳନା କରିଥିଲେ। ଧ୍ୱନୀ ଅନୁଷ୍ଠାନର ସଂଯୋଜିକା ଶୁଭଶ୍ରୀ ମହାନ୍ତି କାର୍ଯ୍ୟକ୍ରମର ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜ ସେବାରେ ଭିନ୍ନ ଦିଗନ୍ତ

—ଡାକ୍ତର ଦିଲ୍ଲୀପ କୁମାର ମହାରଣା—

ସ୍ଥାନୀୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟକ୍ତିଗତ ସ୍ୱେଚ୍ଛାସେବୀମାନଙ୍କ ଅବଦାନକୁ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଜାତିସଂଘ ପକ୍ଷରୁ ଡିସେମ୍ବର ୫ ତାରିଖକୁ ବିଶ୍ୱ ସ୍ୱେଚ୍ଛାସେବୀ ଦିବସ ପାଳନ କରାଯାଏ। ରେଡ଼କ୍ରସ, ସ୍କାଉଟ ଭଳି ଅନେକ ବେସରକାରୀ ସଂଗଠନ ଦ୍ୱାରା ଏହି ଦିବସ ପରିଚିତ। ପ୍ରତ୍ୟେକ ଦେଶରେ ସ୍ୱେଚ୍ଛାସେବୀ ମନୋଭାବ ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ହଜାର ହଜାର ସ୍ୱେଚ୍ଛାସେବୀଙ୍କ ସାମିଲ କରିବା ବ୍ୟତୀତ ଜାତିସଙ୍ଘ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ସରକାର ଓ ସହଭାଗୀଙ୍କ ସହ ମିଶି ବିଭିନ୍ନ ବିକାଶମୂଳକ କାମ କରେ। ଏବେ ଅନ୍‌ଲାଇନ ସ୍ୱେଚ୍ଛାସେବୀ ସେବା ମଧ୍ୟ ବେଶ୍ ଲୋକପ୍ରିୟ ହୋଇଛି। ଏହା ମାଧ୍ୟମରେ ସ୍ୱେଚ୍ଛାସେବୀ ସଂଗଠନ ସେମାନଙ୍କର କୃତିତ୍ୱ ପ୍ରଦର୍ଶନ କରିବା ସହ ଲୋକଙ୍କୁ ଉତ୍ସାହିତ କରିବାର ସୁଯୋଗ ବି ପାଉଛନ୍ତି।

ଆଜି ବିଶ୍ୱ ସ୍ୱେଚ୍ଛାସେବୀ ସଂଗଠନ ଦିବସ। ସମାଜର ବିକାଶରେ ଓ ରାଷ୍ଟ୍ରୀୟ ପ୍ରଗତିରେ ସମାଜ ସେବାର ଗୁରୁ ଦାୟିତ୍ୱକୁ ମନେ ପକାଇବାର ସ୍ମରଣୀୟ ଦିନ। ସଂପ୍ରତି ସବୁକ୍ଷେତ୍ରରେ ସାମାଜିକ ସଂଗଠନର ଗୁରୁ ଦାୟିତ୍ୱ ଦିନକୁ ଦିନ ବଢ଼ିବାରେ ଲାଗିଛି। ସ୍ୱାସ୍ଥ୍ୟସେବାଠାରୁ ଶିକ୍ଷା ସୂଚନା ପ୍ରଯୁକ୍ତି ଠାରୁ କଳା ସବୁଠି ସମାଜ ସେବାର ଗୁରୁଦାୟିତ୍ୱ ରହିଛି। ଆଜିକାଲି କିଛି ଆଧାତ୍ମିକ ସଂଗଠନ ଓ ରାଜନୈତିକ ଦଳମାନେ ମଧ୍ୟ ସମାଜ ସେବାରେ ନିଜକୁ ନିୟୋଜିତ ରଖୁଛନ୍ତି। ଅନେକ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ କି ସରକାରଙ୍କ ବିନା ସହାୟତାରେ ଅନ୍ୟ କିଛି ସାମାଜିକ ପ୍ରଗତିମୂଳକ ସେବା କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ ରଖୁଛନ୍ତି। ଓଡ଼ିଶାରେ ଅନେକ କିଛି ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ ଲୋକଲୋଚନକୁ ନ ଆସି ବିନା ସରକାରୀ ସହାୟତାରେ ଗୁରୁଦାୟିତ୍ୱ ନିର୍ବାହ କରିବାକୁ ସକ୍ଷମ ହେଉଛନ୍ତି। ବିଭିନ୍ନ ବେସରକାରୀ ସଂଗଠନମାନେ ବିନା ସରକାରୀ ସହାୟତାରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଗ୍ରାମାଞ୍ଚଳ ବିକାଶ, ଗରିବ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା, ଗ୍ରାମ୍ୟ ସଫେଇ ଓ ଫୁଟ୍‌ପାଥର ଲୋକମାନଙ୍କୁ ବିନା ମୂଲ୍ୟରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି।

ସମାଜ ସେବା କ୍ଷେତ୍ରରେ ସାମାଜିକ ସଂଗଠନମାନେ ଅନେକ କିଛି ବାଧାବିଘ୍ନକୁ ସାମ୍ନା କରିଥାନ୍ତି। ବଣମଲ୍ଲୀ ପରି ଅନେକ ପ୍ରତିଭାବାନ ସ୍ୱେଚ୍ଛାସେବୀ ସଂଗଠନ ରହିଛନ୍ତି ଯେଉଁମାନେ ଢ଼ୋକେ ପିଇ ଦଣ୍ଡେ ଜିଁଇ ନ୍ୟାୟରେ କାହାପାଖରେ ହାତ ନପାତି ବି ମାନବ ସେବାକୁ ମାଧବ ସେବା ଭାବରେ ରୂପାନ୍ତରିତ କରି ଜନସେବାରେ ନିଜକୁ ନିୟୋଜିତ ରଖିଛନ୍ତି। ଅନେକ କ୍ଷେତ୍ରରେ ଦେଖାଯାଏ ସରକାରଙ୍କ ନାଲିଫିତା ତଳେ ସ୍ୱେଚ୍ଛାସେବୀ ସଂଗଠନର ଅନୁମତି ପ୍ରଦାନ ହେଉ କିମ୍ବା ଅନୁଦାନ ସବୁ ବନ୍ଦ ହୋଇଯାଏ ଯାହାଦ୍ୱାରା ପ୍ରଗତିମୂଳକ କାର୍ଯ୍ୟରେ ସ୍ୱେଚ୍ଛାସେବୀ ସଂଗଠନଟି ଯଥାର୍ଥ ରୂପରେ ସେବା କରିବାରୁ ବଞ୍ଚିତ ହୋଇଥାଏ। ନିକଟରେ କେନ୍ଦ୍ର ସରକାରଙ୍କ ଏକ ତାଲିକା ଅନୁଯାୟୀ ରାଜ୍ୟରେ ଓ ଭାରତରେ କାର୍ଯ୍ୟ କରୁଥିବା କିଛି ସ୍ୱେଚ୍ଛାସେବୀ ସଂଗଠନର ତାଲିକା ବାହାରିଛି ଯେଉଁମାନେ କାର୍ଯ୍ୟ ନକରିବି ଭୁଲ ତଥ୍ୟ ଦେଇ ସରକାରଙ୍କ ଠାରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଇବାକୁ ସକ୍ଷମ ହେଉଛନ୍ତି ଯାହାଦ୍ୱାରା ବାସ୍ତବରେ ସେବା କରୁଥିବା ସଂଗଠନଟି ସେମାନଙ୍କ ସମାଜ ସେବା କ୍ଷେତ୍ରରୁ ଦୂରେଇ ଯିବା ପାଇଁ ବାଧ ହୋଇଥାନ୍ତି। ଯଦିଓ ସାମାଜିକ ଓ ନ୍ୟାୟ ମନ୍ତ୍ରାଳୟ ଏହି କଳା ତାଲିକାଭୁକ୍ତ ସଂଗଠନ ପାଇଁ କଡ଼ା ଲଗାମ ଲଗାଇଛନ୍ତି ତେବେ ଏହା ସବୁ କ୍ଷେତ୍ରରେ ସମ୍ଭବ ହୋଇପାରୁନାହିଁ।

ସମାଜ ସେବା ପାଇଁ ଆଜିର ଯୁବପିଢ଼ୀମାନେ କ୍ୟାରିୟର କରିବା ପାଇଁ ଆଗେଇ ଆସୁଛନ୍ତି ସମାଜ ବିଜ୍ଞାନ ଓ ସୋସିଆଲ୍ ସର୍ଭିସ ପାଠ୍ୟକ୍ରମ ଏହି ପିଲାମାନଙ୍କୁ ସେମାନଙ୍କ କ୍ୟାରିୟର ପାଇଁ ସଠିକ ରାସ୍ତା ଦେଖାଉଛି। ପ୍ରଶ୍ନ ଉଠୁଛି ଯେ, ସମାଜ ସେବା ପାଇଁ କ’ଣ ପ୍ରକୃତରେ ଜଣକୁ କେଉଁ ଉପାଦାନ ପ୍ରଯୁଜ୍ୟ। ଦେଖାଯାଉଛି ଜଣଙ୍କ ହାତପାଆନ୍ତାରେ ଯନ୍ତ୍ରଣାରେ ଛଟପଟ ହୋଇ ଜଣେ ଚିକିତ୍ସା ପାଇଁ ଚିତ୍କାର କରୁଛି, ଗାଁରେ ଜଣେ ଅନାହାର ମୃତ୍ୟୁରେ ଛଟପଟ ହେଉଛି। ରାସ୍ତାକଡ଼ରେ ଦୁର୍ଘଟଣାରେ କ୍ଷତବିକ୍ଷତ ହୋଇ ଜଣେ ସାହାଯ୍ୟର ହାତ ବଢ଼ାଉଛି, ଦିନ ଦିନ ଧରି ଖାଦ୍ୟ ନପାଇ ଅନାହାରରେ ଜଣେ ଷଢ଼ୁଥିବା ବେଳେ ସମାଜସେବୀମାନେ ସେଇଠୁ ହିଁ ସେମାନଙ୍କର କ୍ଷେତ୍ର ନିର୍ବାଚିତ କରି ସମାଜସେବାରେ ନିୟୋଜିତ ରୁହନ୍ତି। ସବୁକ୍ଷେତ୍ରରେ ସରକାରଙ୍କ ଉପରେ ଗୁରୁଦାୟିତ୍ୱ ଠେଲି ଦେଇ ନିଜ ଦାୟିତ୍ୱ ଶେଷ କରିଦେଲେ ହେବ ନାହିଁ। ନର ସେବା ହିଁ ନାରାୟଣଙ୍କ ସେବା। ଅବହେଳିତ, ଅସହାୟଙ୍କ ସେବା ହେଉଛି ଯଥାର୍ଥରେ ଭଗବାନଙ୍କ ପ୍ରତି ସମର୍ପିତ ଭକ୍ତି ନିବେଦ୍ୟ ଏହାକୁ ସମସ୍ତେ ଜୀବନର ଧର୍ମ ଭାବରେ ବିବେଚନା କରି ଜୀବନ ଧର୍ମ ଭାବରେ ସେହିମାନଙ୍କ ମୁହଁରେ ହସ ଟିକେ ଫୁଟାଇ ପାରିଲେ ସମାଜ ସେବା କ୍ଷେତ୍ର ଗୌରବାନ୍ୱିତ ହେବା ସହ ସେହି ନର ନାରାୟଣଙ୍କ ଆଶୀର୍ବାଦରେ ଜୀବନ ଧନ୍ୟ ହେବ। ଆସନ୍ତୁ ଆନ୍ତର୍ଜାତିକ ଭଲ୍ୟୁଣ୍ଟାରୀ ଡ଼େ ଅବସରରେ ସମସ୍ତଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାର ଶପଥ ନେବା।

-ଶିଖରପୁର ଉପରସାହି, କଟକ, ଦୂରଭାଷ: ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯, E-mail : dillip777kumar@gmail.com

## —କୋଣାର୍କ ଉତ୍ସବ-୨୦୨୨ର ତୃତୀୟ ସନ୍ଧ୍ୟା—

# ଓଡିଶୀ ଓ ମୋହିନିଆଟମ ନୃତ୍ୟରେ ଦର୍ଶକ ମତୁଆଲା



କୋଣାର୍କ (ପିଏନ୍): ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ, ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା କୋଣାର୍କ ଉତ୍ସବ-୨୦୨୨ର ତୃତୀୟ ସନ୍ଧ୍ୟାରେ ପୁରାଣ ପ୍ରସଙ୍ଗ ଓ ଜୀବନ ଦର୍ଶନକୁ ନେଇ ଶାସ୍ତ୍ରୀୟ ନୃତ୍ୟ ମାଧ୍ୟମରେ ପରିବେଷଣ କରିଥିଲେ ଓଡିଶୀ ଓ ମୋହିନିଆଟମ୍ ନୃତ୍ୟ। ରଙ୍ଗବେରଙ୍ଗ ଆଲୋକର ଶୁସଜିତ ରଙ୍ଗମଞ୍ଚ ପରିସର ଓ ଭରପୁର ଗ୍ୟାଲେରୀରେ ଦର୍ଶକ ଓଡିଶୀ ଏବଂ ମୋହିନିଆଟମ୍ ନୃତ୍ୟ ଉପଭୋଗ କରିଥିଲେ। କଲକତାର ମୟୁର ଲଳିତ ଡ୍ୟାନସ ଏକାଡେମିର ନୃତ୍ୟ ଗୁରୁ ଦେବମିତ୍ର ସେନଗୁପ୍ତା ଓ ସାଥୀ ନୃତ୍ୟ ଶିଳ୍ପୀମାନେ ମଞ୍ଚରେ ପ୍ରବେଶ କରି ଚିତାକର୍ଷକ ଓଡିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ରାମାୟଣ କଥାବସ୍ତୁକୁ ନେଇ ନୃତ୍ୟଶିଳ୍ପୀମାନେ ଚମତ୍କାର ନୃତ୍ୟାଭିନୟ ପ୍ରଦର୍ଶନ କରିଥିଲେ। ଏହାପରେ ଶିଳ୍ପୀମାନେ ଶୁଦ୍ଧ ନୃତ୍ୟ, ମହ୍ଲାର ପଲ୍ଲବୀ ନୃତ୍ୟ ନାଟିକା ପରିବେଷଣ କରିଥିଲେ। ତୃତୀୟ ସନ୍ଧ୍ୟାର ଦ୍ୱିତୀୟ ସେପାନରେ ଚେନାଇର ନୃତ୍ୟ ଗୁରୁ ଗୋପିକା ବର୍ମା ଓ ସାଥୀ ନୃତ୍ୟଶିଳ୍ପୀମାନେ ମୋହିନିଆଟମ ନୃତ୍ୟରେ ଉପସ୍ଥାପନା କରିଥିଲେ। ନୃତ୍ୟଶିଳ୍ପୀମାନେ ଅତି ନିଖୁଣ ଭାବେ ମଞ୍ଚରେ ଉପସ୍ଥାପନ କରି ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ଭକ୍ତମୟ ପରିବେଷ ସୃଷ୍ଟି କରିଥିଲେ। ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡ ମୃତ୍ୟୁଞ୍ଜୟ ରଥ ଓ ନାଜି ଆଲମ ଓ ସଂଗୀତା ଗୋସାଇଁ ମଞ୍ଚ ପରିଚାଳନା କରିଥିବାବେଳେ ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ ବିଶ୍ୱଜିତ ରାଉତ, ପୁରୀ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ କୋଣାର୍କ ପର୍ଯ୍ୟଯନ ଅଧିକାରୀ ଅମୀୟ କୁମାର ସେଠୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚନ୍ଦ୍ରଭାଗାରେ ଆୟୋଜିତ ଆନ୍ତର୍ଜତିକ ବାଲୁକା କଳା ଉତ୍ସବରେ ବାଲୁକା ଶିଳ୍ପୀମାନେ ବାଲିର ପ୍ରସ୍ତୁତ କରିଥିଲେ ଚିତାକର୍ଷକ ବାଲୁକା କଳା। ଆଜି ପ୍ରବଳ ଜନସମାଗମ ହୋଇଥିବା ବେଳେ ଟାଫିକ ଅଣାୟତ ହୋଇ ପଡିଥିଲା।




## ଧର୍ମେନ୍ଦ୍ର ପ୍ରଧାନଙ୍କୁ ସସ୍ମିତ ପାତ୍ରଙ୍କ ଜବାବ

# ମୁଖ୍ୟମନ୍ତ୍ରୀ ରାଲିରେ ଲୋକଙ୍କ ଜୋସ୍ ଦେଖି କେନ୍ଦ୍ରମନ୍ତ୍ରୀ ବିଚଳିତ ଓ ଭୟଭୀତ ହୋଇ ପଡ଼ିଛନ୍ତି

ଭୁବନେଶ୍ୱର,(ପିଏନ)-ମୁଖ୍ୟମନ୍ତ୍ରୀ ହେଉଛନ୍ତି ଓଡ଼ିଶାର ସବୁଠାରୁ ଲୋକପ୍ରିୟ ସର୍ବମାନ୍ୟ ନେତା । ତେଣୁ ଓଡ଼ିଶାର ଜନସାଧାରଣ ତାଙ୍କ ବିରୋଧରେ କୌଣସି ଅସମ୍ମାନସୂଚକ ଆକ୍ରମଣକୁ ପସନ୍ଦ କରିବେ ନାହିଁ କି ବରଦାସ୍ତ କରିବେ ନାହିଁ । ୨୦୧୮ ମସିହା ବିଜେପୁର ଉପନିର୍ବାଚନ ସମୟରେ ଯେତେବେଳେ ଜଣେ ବିଜେପି କର୍ମୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଚପଲ ଫିଙ୍ଗିଥିଲା, ବିଜେପୁରବାସୀ ଏହାକୁ ପସନ୍ଦ କରି ନଥିଲେ । ଏହି ଉପନିର୍ବାଚନରେ ବିଜେଡି ବିପୁଳ ବ୍ୟବଧାନରେ ବିଜୟୀ ହୋଇଥିଲା । ମାତ୍ର ଏଥିରୁ ଶିକ୍ଷାଲାଭ ନକରି ପଦ୍ମପୁରରେ ନିର୍ବାଚନ ପ୍ରଚାର ସମୟରେ ଆଜି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ କରିଛନ୍ତି । ପଦ୍ମପୁରବାସୀ କେବେ ବି ଏହାକୁ ବରଦାସ୍ତ କରିବେନି ଏବଂ ଏହାର ଉଚିତ ଜବାବ ଦେବେ । ତେଣୁ ମୁଖ୍ୟମନ୍ତ୍ରୀଙ୍କ ସଂପର୍କରେ ମନ୍ତବ୍ୟ ଦେବା ବେଳେ ସୌଜନ୍ୟ ଓ ଶାଳୀନତା ରକ୍ଷା କରିବାକୁ ବିଜେଡି ସାଂସଦ ଡ. ସସ୍ମିତ ପାତ୍ର ଶ୍ରୀ ପ୍ରଧାନଙ୍କୁ କହିଛନ୍ତି ।

ପଦ୍ମପୁର ଠାରେ କେନ୍ଦ୍ରମନ୍ତ୍ରୀ ଦେଇଥିବା ବିଭ୍ରାନ୍ତିକର ବୟାନର ଜବାବ ଦେଇ ଡ. ପାତ୍ର କହିଛନ୍ତି ଯେ ଗତକାଲି ପଦ୍ମପୁରରେ ମୁଖ୍ୟମନ୍ତ୍ରୀ ବିଶାଳ ରାଲିରେ ଲୋକଙ୍କ ଉତ୍ସାହ ଓ ଜୋସ୍ ଦେଖି ସେ ବିଚଳିତ ଓ ଭୟଭୀତ ହୋଇ ପଡ଼ିଥିବା ଜଣାପଡୁଛି । ପଦ୍ମପୁରରେ ବିଜେପି ଏକ ବଡ଼ ପରାଜୟ ଆଡ଼କୁ ମୁହାଁଉଛି ।

ଡ. ପାତ୍ର ଆହୁରି କହିଛନ୍ତି, ବିଜେପି ଦଳର ନେତାମାନେ ସଭାସମିତିରେ ପ୍ରକାଶ୍ୟରେ ପଦ୍ମପୁର ଉପନିର୍ବାଚନରେ ବିଜୁ ଜନତା ଦଳର ପ୍ରାର୍ଥିନୀ ସଦ୍ୟ ବାପଛେଉଣ୍ଡ ହୋଇଥିବା ଜଣେ ଓଡ଼ିଆ, ଆଦିବାସୀ ଝିଅକୁ ଅଶାଳୀନ, ଅରୁଚିକର ଓ ଅପମାନସୂଚକ ମନ୍ତବ୍ୟ ଦେଇ ଲାଞ୍ଛନା ଦେଇ ଆସୁଛନ୍ତି । ବିଜେପି ନେତାମାନେ ରାଜନୀତି ଛାଡ଼ି ଦେବା ଉଚିତ ଏବଂ ପ୍ରଥମେ ରାଜନୈତିକ ଦଳ ନିର୍ବିଶେଷରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣେ ଓଡ଼ିଆ ଆଦିବାସୀ ମହିଳାଙ୍କୁ କେମିତି ସମ୍ମାନ ଦିଆଯାଏ ତାହା ଶିକ୍ଷା କରିବା ଆବଶ୍ୟକ ।

ଡ. ପାତ୍ର କହିଛନ୍ତି; ପଦ୍ମପୁରର ଚାଷୀମାନଙ୍କୁ ଏଯାଏ ଫସଲବୀମା ରାଶି ଦିଆଯାଇ ନାହିଁ । ଏ ପ୍ରଶ୍ନର ଉତର ମଧ ନାହିଁ । ପଦ୍ମପୁରରେ ଆପଣଙ୍କ ଦଳର ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିବାକୁ ଗଲାବେଳେ ଚାଷୀ ସଂଗଠନମାନେ ତାଙ୍କୁ ଅଟକାଇଲେ । ଚାଷୀଙ୍କ ଆକ୍ରୋଶ ଫଳରେ ଏବଂ ଓଡ଼ିଶା ସରକାର ଆଉ ମୁଖ୍ୟମନ୍ତ୍ରୀ କ୍ରମାଗତ ଭାବେ ଏ ନେଇ କେନ୍ଦ୍ର ଉପରେ ଚାପ ପକାଇବା ଯୋଗୁଁ ୪୮ ଘଂଟା ଭିତରେ ଫସଲବୀମା ଦେଇ ଦିଆଗଲା ।



ଜନତା ମଇଦାନରେ ମେକ୍ ଇନ୍ ଓଡିଶା କନକ୍ଲେଭ -୨୦୨୨ ର ଭାଲେଡିକ୍ଟୋରୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ

# ରାୟଗଡା ଜିଲ୍ଲାସ୍ତରୀୟ ସରଗିଫୁଲ ମହୋତ୍ସବ ଉଦ୍‌ଘାଟିତ



**ରାୟଗଡ଼ା (ପିଏନ)** ମହାମାରୀ କରୋନା ଯୋଗୁଁ ଦୀର୍ଘ ୨ବର୍ଷ ଧରି ବନ୍ଦ ରହିଥିଲା ଶିଶୁମହୋତ୍ସବ ସରଗିଫୁଲ୍ । ତେବେ ଚଳିତ ବର୍ଷ ପୁଣି ଥରେ ୨ଦିନ ଧରି ଦୁଲୁକିଲା 'ସରଗିଫୁଲ' ମଂଚ । ଅନୁସୂଚିତ ଜାତି ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁଚି ରହିଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ଓ ଲୋକଲୋଚନକୁ ଆଣିବ ଏହି 'ସରଗିଫୁଲ ମହୋତ୍ସବ' । ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ରାୟଗଡାର ଶିରିଗୁଡା ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଠାରେ ଆଜି ଓ ଆସନ୍ତାକାଲି ୨ଦିନ ଧରି ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସରଗିଫୁଲ-୨୦୨୨'ଆରମ୍ଭ ହୋଇଛି ।

ଏହି ମହୋତ୍ସବର ଉଦଘାଟନୀ ସମାରୋହରେ ଜିଲ୍ଲାପାଳ ସ୍ୱାଧାଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ । ଜିଲ୍ଲା କଲ୍ୟାଣ ବିଭାଗର ୩୭ଗୋଟି ବିଭିନ୍ନ ସ୍କୁଲର ୬୭ଗୋଟି ହଷ୍ଟେଲଗୁଡିକ ଆଇଏସଓ ମାନ୍ୟତା ପାଇଥିବାରୁ ସ୍କୁଲ ପ୍ରଧାନ ଶିକ୍ଷକମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ ଏବଂ ସରଗିଫୁଲ୍‌କୁ ନେଇ ପ୍ରସ୍ତୁତ ହୋଇଥିବା ଭିଡିଓ ସିଡିର ଉନ୍ମୋଚନ କରିଥିଲେ ମୁଖ୍ୟ ଅତିଥି ଜିଲ୍ଲାପାଳ ସ୍ୱାଧାଦେବ ସିଂ । ସମ୍ମାନୀତ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବି ନାରାୟଣ ତ୍ରିପାଠୀ,ଗୁଣପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଲୋକନାଥ ଦଳବେହେରା ଓ ରାୟଗଡା ପ୍ରକଳ୍ପ ପ୍ରଶାସକ ପଦ୍ମଚରଣ ନାୟକ,ଶିକ୍ଷା ମଣ୍ଡଳାଧୀଶ ଶ୍ୟାମଘନ ଭୂୟାଁ ,ଇଏମଆରଏସ ପ୍ରନ୍ସିପାଲ ସନ୍ତୋଷ କୁମାର ପାତ୍ର ପ୍ରମୁଖ ମଂଚାସୀନ ହୋଇଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥି ମହୋତ୍ସବ ପାଳନର ଉଦ୍ଦେଶ୍ୟ,ଲକ୍ଷ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ । ଅନୁଷ୍ଠିତ ମହୋତ୍ସବର ପ୍ରଥମ ଦିନରେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଓ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ରାୟଗଡା ଜିଲ୍ଲା କଲ୍ୟାଣ ବିଭାଗ ଅଧିନସ୍ଥ ୧୪୮ ଗୋଟି ବିଦ୍ୟାଳୟର ୧୬୨୪ ଜଣ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିବା ବେଳେ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳାରେ ୪୬ଜଣ ଛାତ୍ରଛାତ୍ରୀ ଓ ଭଲିବଲ ପ୍ରତିଯୋଗିତାରେ ୨୭ ଗୋଟି ଟିମ୍ ଭାଗ ନେଇଛନ୍ତି । ଜିଲ୍ଲାସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ଆସନ୍ତା ଡିସେମ୍ବର ୨୨ ଓ ୨୩ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି । ରାୟଗଡା ଜିଲ୍ଲା କଲ୍ୟାଣ ବିଭାଗର ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ,ପ୍ରଦୀପ ଚୌଧୁରୀ ମଂଚ ପରିଚାଳନା କରିଥିବା ବେଳେ ବିଭାଗୀୟ ଶିକ୍ଷକଶିକ୍ଷୟତ୍ରୀମାନେ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ବାୟୋଟେକ୍‌ନୋଲୋଜି ବିକାଶ ପାଇଁ ରାଜିନାମା ସ୍ୱାକ୍ଷରିତ

ଭୁବନେଶ୍ୱର, (ପିଏନ)-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ରେ ଆଜି ତୃତୀୟ ଦିବସରେ ବିଜ୍ଞାନ ଓ କାରିଗରୀ ବିଭାଗ ପକ୍ଷରୁ କେତେକ ରାଜିନାମା ସ୍ୱାକ୍ଷରିତ ହୋଇଛି । ବାୟୋଟେକ୍‌ନୋଲୋଜି କ୍ଷେତ୍ରରେ ବ୍ୟାପକ ବିକାଶ ପାଇଁ ଏସବୁ ରାଜିନାମାରେ ବ୍ୟବସ୍ଥା ରହିଛି । ଆବଲ୍ (ଆସୋସିଏସନ୍ ଅଫ୍ ବାୟୋଟେକ୍‌ନୋଲୋଜି ଲେଡ୍ ଏଂଟପ୍ରାଇଜ୍), ଗ୍ଲୋବାଲ୍ ନେଟ୍‌ୱାର୍କ ଅଫ୍ ଇଂଟ୍ରପ୍ରିନିୟୋର୍ସ ଆଣ୍ଡ ପ୍ରଫେସନାଲସ୍ ଫର ଓଡ଼ିଶା, ହଟ୍ଟୁୱେଲ୍ ଲାଇଫ୍ ସାଇନ୍‌ସେସ୍, କ୍ରପ୍‌ଜିନି ଇତ୍ୟାଦି ସଂସ୍ଥା ସହ ଏସବୁ ରାଜିନାମା ସ୍ୱାକ୍ଷରିତ ହୋଇଛି । ରାଜ୍ୟରେ ବାୟୋଟେକ୍‌ନୋଲୋଜି ବିକାଶ ପାଇଁ ଷ୍ଟାର୍ଟଅପ୍, ଇନ୍‌କ୍ୟୁବେସନ୍, ଗବେଷଣା, ନେଟ୍‌ୱାର୍କିଂ ଇତ୍ୟାଦି ନିମନ୍ତେ ଏହି ସଂସ୍ଥାଗୁଡ଼ିକ ସହଯୋଗ କରିବେ ବୋଲି ରାଜିନାମାରେ ଘୋଷଣା କରାଯାଇଛି । ହଟ୍ଟୁୱେଲ୍ ଲାଇଫ୍ ସାଇନ୍‌ସେସ୍ ୫୦ କୋଟି ଟଙ୍କା ଓ କ୍ରପ୍‌ଜିନି ୫୦୦ କୋଟି ଟଙ୍କା ବିନିଯୋଗ କରିବେ । ଏହି ନିବେଶ ଫଳରେ ୮୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିପାରିବ । ପୂର୍ବରୁ ଭାରତ ବାୟୋଟେକ୍ ଟିକା ଉତ୍ପାଦନ ପାଇଁ ୫୦୦ କୋଟି ଟଙ୍କା ପୁଂଜିନିବେଶ କରିଥିବାବେଳେ ଏବେ ପ୍ରକଳ୍ପ ସଂପ୍ରସାରଣ ପାଇଁ ଆଉ ୭୦୦କୋଟି ଟଙ୍କା ନିବେଶ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି ।

ବିଜ୍ଞାନ ଓ କାରିଗରୀ ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଥିଲେ ଯେ ବାୟୋଟେକ୍‌ନୋଲୋଜି ମାଧ୍ୟମରେ ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଖାଦ୍ୟ ନିରାପତା ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଅନେକ ସମସ୍ୟାର ସମାଧାନ କରାଯାଇପାରିବ । ବିଭାଗୀୟ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ଯୁଗ୍ମଶାସନ ସଚିବ ପୂଜା ମିଶ୍ର ବକ୍ତବ୍ୟ ରଖିଥିଲେ । ଉପନିର୍ଦ୍ଦେଶକ ଶଶିକାନ୍ତ ଦାସ ଓ ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀନାରାୟଣ ପାଢ଼ୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମ ପରେ ଦୁଇଟି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଗୋଟିଏ 'ବାୟୋଫାର୍ମା' ଓ ଅନ୍ୟଟି 'କୃଷି ଓ ଶିଳ୍ପ' ପ୍ରସଙ୍ଗ ଉପରେ ହୋଇଥିବାବେଳେ ଏଥିରେ ଶିଳ୍ପୋଦ୍ୟୋଗୀ, ଉଦ୍ୟୋଗ କର୍ମକର୍ତ୍ତା ଓ ଅନ୍ୟ ଅଂଶୀଦାରମାନେ ଉପସ୍ଥିତ ଥିଲେ । ଡ. ଅନୁ ଆଚାର୍ଯ୍ୟ (ହାଇଦ୍ରାବାଦ୍), ଡ. ନୁସରତ୍ ସଂଘମିତ୍ରା ଜାହାନ୍ (ପୁନେ), ଡ. ଅମୂଲ୍ୟ ପଣ୍ଡା (ପାନାସିଆ ବାୟୋଟେକ୍), ଡ. ଶିଶିର କୁମାର (ହଟ୍ଟୁୱେଲ୍), ଜି.ଏସ୍. କ୍ରିଷ୍ଣନ୍ (ବେଙ୍ଗାଲୁରୁ), ଡ,. ମନୀଷ ଦିୱାନ୍ (ନୂଆଦିଲ୍ଲୀ), ଡ. କେ. କେ. ନାରାୟଣନ୍ (ବାଙ୍ଗାଲୋର) ଓ କ୍ରିଷ୍ଣା ପ୍ରସାଦ (ଧାରୱାଦ୍) ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ପ୍ରଥମଟିକୁ ଗୋଲ୍‌ଡେନ୍ ଜୁବୁଲି ବାୟୋଟେକ୍ ଫର ୱିମେନ୍ (ଚେନ୍ନାଇ)ର ଅଧ୍ୟକ୍ଷ ଡ. ପି.ଏମ୍. ମୁରଲୀ ଓ ଦ୍ୱିତୀୟଟିକୁ ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର ଫାଉଣ୍ଡେସନ୍ (ବିସିକେଆଇସି)ର ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ସୁଆର ସଂଚାଳନ କରିଥିଲେ ।

# ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ପୁନର୍ବାସ ପକ୍ଷରୁ ସଚେତନତା ଶୋଭାଯାତ୍ରା

**କେନ୍ଦ୍ରାପଡ଼ା,(ପିଏନ)-** କେନ୍ଦ୍ରାପଡା ଜିଲ୍ଲାରେ ଭିନ୍ନକ୍ଷମମାନଙ୍କର ଅଧିକାର ସଚେତନତା ଓ ସାମାଜିକ ପୁନଃପ୍ରତିଷ୍ଠା ନିମନ୍ତେ କାର୍ଯ୍ୟରତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭିନ୍ନକ୍ଷମମାନଙ୍କର ସମ୍ବିଧାନ ପ୍ରଦତ ଅଧିକାର ବିଷୟରେ ଅବଗତ କରାଇବା ସହିତ ଭିନ୍ନକ୍ଷମମାନଙ୍କର ଅଧିକାର ନିୟମ ୨୦୧୭ର ମୁଖ୍ୟାଂଶର ଲିଫଲେଟ ବ ନ କରାଯାଇଥିଲା । ଏଥି ସହିତ ସରକାରଙ୍କ ଦ୍ୱାରା ଦିଆଯାଉଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ଲୋକମାନଙ୍କୁ ସଚେତନ କରାଇବା ସହିତ ଭିନ୍ନକ୍ଷମମାନେ କିପରି ସୁବିଧାରେ ଅନଲାଇନରେ ପଞ୍ଜିକୃତ କରାଇବାକୁ ସଚେତନ କରାଇଥିଲେ । ଏହି ଶୋଭାଯାତ୍ରା କେନ୍ଦ୍ରାପଡା ସହର ମାଧପୁର ଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ଓ ସାନ୍ତସାହି ଛକ ପର୍ଯ୍ୟନ୍ତ ଅତିକ୍ରମ କରି ସ୍ଲୋଗାନ ମାଧ୍ୟମରେ ସଚେତନ କରାଯାଇଥିଲା । ଜିଲ୍ଲା ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷ ଭଗବତୀ ପ୍ରସାଦ ଦାସ, ବରିଷ୍ଠ ଶଲ୍ୟ ଚିକିତ୍ସକ ଡା. ବୀରେନ୍ଦ୍ର କୁମାର ଦାଶ ଓ ୧୦ ନଂମ୍ବର ୱାର୍ଡର କାଉନ୍‌ସିଲର୍ ରଶ୍ମିତା ସିଂ ପତାକା ଦେଖାଇ ଏହି ଶୋଭାଯାତ୍ରାକୁ ଆନୁଷ୍ଠାନିକ ବାବେ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରାରେ ନେତାଜୀ ମଡେଲ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାର ଭିନ୍ନକ୍ଷମ ସାମାଜିକ କର୍ମୀ ଧନଞ୍ଜୟ ସାହୁ, ଅମୀୟ କୁମାର ବିଶ୍ୱାଳ, ଉଦୟ କୁମାର ରାଉତ ଓ ପୁର୍ନବାସର ମୁଖ୍ୟ ଉପଦେଷ୍ଟା ଡା. ବିରଜା ରାଉତରାୟ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ପୁନର୍ବାସ ପକ୍ଷରୁ ଶେଷଦେବ ପ୍ରସାଦ ଦାସ, ଏମ୍‌ଡି. ଜାହିଦ୍ ଖାନ, କମଳା କାନ୍ତ ବେହେରା, ପ୍ରାକ୍ତନ କାଉନସିଲର ପ୍ରଶାନ୍ତ କୁମାର ସିଂ, ଲଳିତେନ୍ଦୁ ପଣ୍ଡା, ପ୍ରଦ୍ୟୁମ୍ନ ବେହେରା, ସଂଜୀବ୍ କୁମାର ଜେନା, ରଂଜନ କୁମାର ସ୍ୱାଇ, ରଂଜନ କୁମାର ବିଶ୍ୱାଳ ପ୍ରମୁଖ ଏହି ସଚେତନତା ଶୋଭାଯାତ୍ରା ପରିଚାଳନା କରିବାରେ ସହାୟତା କରିଥିଲେ ।

# ବଲାଙ୍ଗୀର ଠାରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ

**ବଲାଙ୍ଗୀର (ପିଏନ)-** ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଉପଲକ୍ଷେ ବଲାଙ୍ଗିର ଠାରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ଦିବସ ପାଳନ ଅବସରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ତଥା ବିଭିନ୍ନ ସଂଗଠନ ର କର୍ମକର୍ତାମାନଙ୍କୁ ନେଇ ଏକ ରାଲି କଚେରି ଛକରୁ ବାହାରି ଟାଉନ ହଲ ପର୍ଯ୍ୟନ୍ତ ଆସିଥିଲା । ଏହି ରାଲିରେ ରେଡକ୍ରସ ଭିନ୍ନକ୍ଷମ ବିଦ୍ୟାଳୟ ସଇଁତଳା, ଡ଼ ହରେକୃଷ୍ଣ ମହତାବ ମାନସିକ ନ୍ୟୁନତା ସଂସ୍ଥାନ, ଜଗତବନ୍ଧୁ ବିଶ୍ୱଭାରତୀ ଶିକ୍ଷାନିକେତନ ସାଲେପାଲି, ଏସସି ଡି ? ଟିଟିଲାଗଡ ଦୃଷ୍ଟିହୀନ,ବଧିର ବିଦ୍ୟାଳୟ, ଆଶ୍ରା ବଲାଙ୍ଗିର ଥେରେପି କେନ୍ଦ୍ର ,ଲେପ୍ରୋସି ହୋମ ,ବଲାଙ୍ଗିର, ଆଶ୍ରା ଥେରେପି କେନ୍ଦ୍ର,ଡେସିଲ , ଟିଟିଲାଗଡ, ଗ୍ରାମ ମଙ୍ଗଲ ପାଠାଗାର ର ଶ୍ରବଣ ବାଧିତ ଶିକ୍ଷକ ତାଲିମ କେନ୍ଦ୍ର ର ଛାତ୍ରଛାତ୍ରୀ ଙ୍କ ସମେତ ବିଭିନ୍ନ ସଂଗଠନ ର କର୍ମକର୍ତାମାନେ ଯୋଗଦେଇଥିଲେ । ରାଲିକୁ ବଲାଙ୍ଗିର ଉପ ଜିଲ୍ଲାପାଳ କୁମାର ନାଗଭୂଷଣ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପରେ ଏହି ଦିବସ ପାଳନ ଉପଲକ୍ଷେ ଟାଉନ ହଲ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲାପାଳ ଚଂଚଳ ରାଣା,




ବଲାଙ୍ଗିର ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ ,ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ କୁବେର ଚନ୍ଦ୍ର ମହନ୍ତ, ନିରତାର ସିଆରସି ସେଂଟର ବଲାଙ୍ଗିର ର ନିର୍ଦ୍ଦେଶକ ସୂର୍ଯମଣି ପ୍ରସାଦ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ର ତାତ୍ପର୍ଯ୍ୟ, ଭିନ୍ନକ୍ଷମଙ୍କ ଅଧିକାର ଓ ବିଭିନ୍ନ ଯୋଜନା ମାଧ୍ୟମରେ ସେମାନଙ୍କର କିପରି ସର୍ବାଙ୍ଗୀନ ବିକାଶ କରାଯାଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ ବଲାଙ୍ଗିର ଜିଲ୍ଲାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଭିନ୍ନକ୍ଷମ ଙ୍କ ନିମନ୍ତେ କାର୍ଯକାରୀ ହେଉଥିବା ବିଭିନ୍ନ ଯୋଜନା ର ରୂପରେଖ ଓ ଏହାଦ୍ୱାରା ଜିଲ୍ଲାର ହିତାଧିକାରୀମାନେ ପାଉଥିବା ସୁବିଧା ସୁଯୋଗ ତଥା ସଫଳତା ଉପରେ ପ୍ରାରମ୍ଭିକ ବକ୍ତ୍ୟବ ପ୍ରଦାନ କରିବା ସହ ସଭାକାର୍ଯ ପରିଚାଳନା କରିଥିଲେ । ସଭାରେ ଅତିଥି ମାନେ ଜିଲ୍ଲା ର ବିଭିନ୍ନ ଅଂଚଳରୁ ଆସିଥିବା ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ନିରତାର ସିଆରସି ସେଂଟର ବଲାଙ୍ଗିର ଦ୍ୱାରା ପ୍ରଦତ ସହାୟକ ଉପକରଣ ବଣ୍ଟନ କରିଥିଲେ । ଏହି କ୍ରମରେ ୨ ଜଣଙ୍କୁ ରୋଲାଟୋର ,୨ ଜଣଙ୍କୁ ହ୍ୱିଲ ଚେୟାର ,୨ ଜଣଙ୍କୁ ବ୍ରେଲି କିଟ ଏବଂ ୬ ଜଣଙ୍କୁ ଅନ୍ୟାନ୍ୟ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା । ସେହିପରି ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ଭିନ୍ନକ୍ଷମ ଙ୍କୁ ବିବାହ ପ୍ରୋତ୍ସାହନ ଯୋଜନା ଜରିଆରେ ୬ ଜଣ ଦମ୍ପତି, ପ୍ରତ୍ୟେକଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କାର ଚେକ ଅତିଥିମାନେ ପ୍ରଦାନ କରିଥିଲେ । ଜିଲ୍ଲା ର ୧୪ ଗୋଟି ବ୍ଲକ ଓ ୫ ଟି ୟୁଏଲବିର ଜଣେ ଲେଖାଏଁ ଭିନ୍ନକ୍ଷମ ଙ୍କୁ ଉତ୍ସବରେ ସମ୍ମାନିତ କରାଯାଇଥିଲା । ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଉପଲକ୍ଷେ ଜିଲ୍ଲାର ବିଭିନ୍ନ ଭିନ୍ନକ୍ଷମ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନୁଷ୍ଠିତ ବକ୍ତୃତା, ମ୍ୟୁଜିକାଲ ଚେୟାର,୧୦୦ ମିଟର ଦୌଡ ଆଦି ପ୍ରତିଯୋଗିତା ର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପରେ ରେଡକ୍ରସ ଭିନ୍ନକ୍ଷମ ବିଦ୍ୟାଳୟ ସଇଁତଳା, ଡ଼ ହରେକୃଷ୍ଣ ମହତାବ ମାନସିକ ନ୍ୟୁନତା ସଂସ୍ଥାନ, ଜଗତବନ୍ଧୁ ବିଶ୍ୱଭାରତୀ ଶିକ୍ଷାନିକେତନ ସାଲେପାଲି , ଏସସିଡି ଟିଟିଲାଗଡ ଦୃଷ୍ଟିହୀନ,ବଧିର ବିଦ୍ୟାଳୟ ର ଛାତ୍ରଛାତ୍ରୀ ,ଜରାନିବାସ ସାଲେପାଲି ର ବରିଷ୍ଠ ନାଗରିକ ଏବଂ ତୃତୀୟ ଲିଙ୍ଗମାନଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା । ଏହି ସମସ୍ତ କାର୍ଯକ୍ରମ କୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାହୁ ତଥା ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯାଳୟ ର କର୍ମଚାରୀ ମାନେ ପରିଚାଳନା କରିଥିବା ବେଳେ ଜିଲ୍ଲାର ବିଭିନ୍ନ ଭିନ୍ନକ୍ଷମ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଏବଂ ବିଭିନ୍ନ ସଂଗଠନ ର କର୍ମକର୍ତାମାନେ ସହଯୋଗ କରିଥିଲେ ।

# ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାରେ ବ୍ୟାପକ ସୁଯୋଗ ଶୀର୍ଷକ ଆଲୋଚନାଚକ୍ର

**ଭୁବନେଶ୍ୱର, (ପିଏନ)-** ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୨ର ତୃତୀୟ ଦିବସରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆଜି 'ଓଡ଼ିଶାରେ ସାର୍ବଜନୀନ ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ସୁଯୋଗ' ଶୀର୍ଷକ ଏକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି । ଏହି ଅଧିବେଶନରେ ରାଜ୍ୟ ତଥା ରାଜ୍ୟ ବାହାରର ଫାର୍ମାସୁଟିକାଲସ୍ କମ୍ପାନୀ, ଦକ୍ଷତା ବିକାଶ, ଗବେଷଣା ଅନୁଷ୍ଠାନ, ହସ୍‌ପିଟାଲ୍ ଅପରେଟର୍ସ, ମେଡିକାଲ କଲେଜ, ନାଗରିକ ସମାଜ, ମେଡିକାଲ୍ ଯନ୍ତ୍ରପାତି ଉତ୍ପାଦନକାରୀ ସଂସ୍ଥା ମୁଖ୍ୟ ଅଂଶୀଦାର ଭାବେ ଯୋଗଦେଇଥିଲେ ।

ଏହି ଅଧିବେଶନ ଦୁଇ ପ୍ରମୁଖ ଭାଗରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଅଧିବେଶନରେ ରାଜ୍ୟରେ ବେସରକାରୀ ସ୍ତରରେ ହସ୍‌ପିଟାଲ୍ ପ୍ରତିଷ୍ଠା କରିବାକୁ ଯାଉଥିବା କମ୍ପାନୀମାନଙ୍କର ଯୋଜନା, ଲକ୍ଷ୍ୟ, ପ୍ରମୁଖ କାର୍ଯ୍ୟ ବିଷୟରେ ଆଲୋଚନା ହୋଇଥିବାବେଳେ ଦ୍ୱିତୀୟ ଅଧିବେଶନରେ ମେଡିକାଲ୍ ଏବଂ ଫାର୍ମାସ୍ୟୁଟିକାଲ୍ ଓ ଶିଳ୍ପୋଦ୍ୟୋଗୀ ଏବଂ କ୍ଷେତ୍ର ବିଶେଷଜ୍ଞମାନେ ସେମାନଙ୍କର ଅଭିଜ୍ଞତା ବିଷୟରେ ବର୍ଣ୍ଣନା କରିଥିଲେ । ୨୦୨୫ ପାଇଁ ସେମାନଙ୍କର ପ୍ରସ୍ତୁତି କାର୍ଯ୍ୟକ୍ରମ ସଂପର୍କରେ ସେମାନେ ମତବ୍ୟକ୍ତ କରଥିଲେ । ଏହି ଅଧିବେଶନରେ ଅଂଶଗ୍ରହଣକାରୀମାନେ ହେଲେ ବେଙ୍ଗାଲୁରୁସ୍ଥିତ ଶ୍ରୀ ଶଙ୍କର କ୍ୟାନସର ଫାଉଣ୍ଡେସନ୍ ର ପରିଚାଳନା ଟ୍ରଷ୍ଟି ଡା. ବି. ଏସ୍. ଶ୍ରୀନାଥ, ଓଡ଼ିଶା କ୍ୟାନସର କେୟାର ପ୍ରୋଜେକ୍ଟର ଉପଦେଷ୍ଟା ଡା. ଦିନେଶ ପେଣ୍ଡାର, ଏମସ୍, ଦରଭଙ୍ଗାର ନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ମାଧବାନନ୍ଦ କର, ଟାଟା ମେମୋରିଆଲ୍ କ୍ୟାନ୍‌ସର ସେଣ୍ଟର, ବାରଣାସୀର ନିର୍ଦ୍ଦେଶକ ପ୍ରଫେସର (ଡା.) ସତ୍ୟଜିତ ପ୍ରଧାନ, ହେମଲତା ହସ୍‌ପିଟାଲ୍ ଆଣ୍ଡ ରିସର୍ଚ୍ଚ, ଭୁବନେଶ୍ୱରର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡ. ଅରବିନ୍ଦ ରଥ, ଗ୍ଲେନ୍‌ମାର୍କ ଫାର୍ମାସ୍ୟୁଟିକାଲ୍ ଲିଃର ଉପସଭାପତି ଅନୁରାଗ ଖେରା, ଡ. ରେଡ୍ଡି ଲାବୋରେଟୋରିଜ୍ ର ଉପସଭାପତି ଆନନ୍ଦ ଗର୍ଗ, ଆରଓସିଏଚ୍‌ଇର ପ୍ରତିନିଧି ଡା. ମୋନିକା ପୁରୀ, ସାଇ ହେଲଥ୍ ଆଣ୍ଡ ଏଜୁକେସନ୍ ଟ୍ରଷ୍ଟର ଅଧିକାରୀ ରବିକିରନ୍ ଶ୍ରୀପଦ ପ୍ରମୁଖ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ଶାଳିନୀ ପଣ୍ଡିତ ବିଭାଗର ପରିବର୍ଦ୍ଧିତ ଲକ୍ଷ୍ୟ ସଂପର୍କରେ ଆଲୋଚନା କରିଥିଲେ । ଏହି ଅଧିବେଶନରେ ମୁଖ୍ୟତଃ ଓଡ଼ିଶାର ସ୍ୱାସ୍ଥ୍ୟକ୍ଷେତ୍ରରେ ବେସରକାରୀ ପୁଂଜିନିବେଶ ସଂପର୍କରେ ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟ ଯତ୍ନରେ ଓଡ଼ିଶାର ସାମର୍ଥ୍ୟ, ସରକାରଙ୍କ ତରଫରୁ ହସ୍‌ପିଟାଲ୍ ପ୍ରତିଷ୍ଠା ନିମନ୍ତେ ଜମିଯୋଗାଣ ଏବଂ ସରକାରୀ-ବେସରକାରୀ ସହଭାଗିତାରେ ହସ୍‌ପିଟାଲ ନିର୍ମାଣ, ୫.୬୫ ଏକର ଜମିରେ ୧୬୮.୭୨ କୋଟି ଟଙ୍କା ପୁଂଜିନିବେଶ ଦ୍ୱାରା ବେସରକାରୀ ସହଭାଗିତାର ଝାରସୁଗୁଡ଼ାଠାରେ ୧୨୦ ଶଯ୍ୟାବିଶିଷ୍ଟ କ୍ୟାନ୍‌ସର ହସ୍‌ପିଟାଲ୍ ନିର୍ମାଣ ତଥା ୧୦୦ ଶଯ୍ୟାବିଶିଷ୍ଟ ହୃଦ୍ ରୋଗ ସମ୍ବନ୍ଧୀୟ ସ୍ୱତନ୍ତ୍ର ହସ୍‌ପିଟାଲ ଝାରସୁଗୁଡ଼ାଠାରେ ସ୍ଥାପନ କରାଯିବ ବୋଲି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ପ୍ରକାଶ କରିଥିଲେ ।




# —ଭଗବତ ଗୀତା—



**ଗୀ**ତା ଏକ ପୂଣ୍ୟ ଗ୍ରନ୍ଥ, ଯାହା ଘରେ ଘରେ ପରିଚିତ। ଏହାକୁ ପୂଜା କରିବାର ବିଧି ମଧ ରହିଛି। ଭଗବାନ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧଭୂମିରେ ଏହି ଗୀତା ଶଖା ଅର୍ଜୁନଙ୍କୁ ଶୁଣାଇଛନ୍ତି। ଆଜି ଦେଶରେ ଗୀତା ଜୟନ୍ତୀ ପାଳିତ ହେଉଛି। ଶ୍ରୀମଦ୍ ଭାଗବତ ଗୀତା ହେଉଛି ମହାଭାରତର ଅଂଶ। ଶ୍ରୀ ବ୍ୟାସଦେବ ହେଉଛନ୍ତି ଏହାର ସଙ୍କଳନ କର୍ତ୍ତା। ଶ୍ରୀକୃଷ୍ଣ ନିଜ ଉପଦେଶର ଅଧିକାଂଶ ଶ୍ଳୋକରେ ହିଁ କହିଥିଲେ ବ୍ୟାସଦେବ ତାହା ଅବିକଳ ଲିପିବଦ୍ଧ କରିଛନ୍ତି। ଯେଉଁ ଅଂଶ ସେ ଗଦ୍ୟରେ କହିଥିଲେ, ତାହା ବ୍ୟାସଦେବ ନିଜେ ଶ୍ଳୋକବଦ୍ଧ କହିଦେଇଛନ୍ତି, ତା'ସଙ୍ଗେ ସଙ୍ଗେ ସେ ଅର୍ଜୁନ, ସଞ୍ଜୟ ଏବଂ ଧୃତରାଷ୍ଟ୍ରଙ୍କ ବଚନକୁ ମଧ ନିଜ ଭାଷାରେ ଶ୍ଳୋକବଦ୍ଧ କରିଛନ୍ତି। ଗୀତାରେ ପ୍ରକୃତ ଶ୍ରୀକୃଷ୍ଣ କଥିତ ଶ୍ଳୋକ ସଂଖ୍ୟା ୬୨୦, ଅର୍ଜୁନ କଥିତ ଶ୍ଳୋକ ସଂଖ୍ୟା ୫୭, ସଞ୍ଜୟ କଥିତ ଶ୍ଳୋକ ସଂଖ୍ୟା ୬୭ ଏବଂ ଧୃତରାଷ୍ଟ୍ରଙ୍କ ଦ୍ୱାରା ଗୋଟିଏ ଶ୍ଳୋକ କଥିତ। ଏହି ୭୪୫ ଶ୍ଳୋକରେ ସଂପୂର୍ଣ୍ଣ ହୋଇଥିବା ଗୀତା ଗ୍ରନ୍ଥକୁ ଅଠର ଅଧ୍ୟାୟରେ ବିଭକ୍ତ କରି ମହାଭାରତର ଅଂଶ ଭାବେ ଯୋଗ କରିଛନ୍ତି। ଗୀତାର ୧୮ଟି ଅଧ୍ୟାୟ ହେଉଛି ୧୮ଟି ଯୋଗ । ପ୍ରଥମ ୬ ଅଧ୍ୟାୟରେ ନିଷ୍କାମ କର୍ମଯୋଗ, ଦ୍ୱିତୀୟ ୬ ଅଧ୍ୟାୟରେ ଭକ୍ତିଯୋଗ ଏବଂ ଶେଷ ୬ ଅଧ୍ୟାୟରେ ଜ୍ଞାନଯୋଗ ବର୍ଣ୍ଣନା କରାଯାଇଛି। ହେ ଅର୍ଜୁନ! କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ। ଏଣୁ ଫଳର ଆଶା ନକରି କର୍ମ କର। କର୍ମ ନକରିବା ଲାଗି ମଧ ତୁମ ମନରେ ଆସକ୍ତି ଉତ୍ପନ୍ନ ନହେଉ। ବିଷୟର ଚିନ୍ତନ କରିବା ଦ୍ୱାରା ମନୁଷ୍ୟ ମନରେ ବସ୍ତୁବାଦୀ ଦୁନିଆ ପ୍ରତି ଆସକ୍ତି ଉତ୍ପନ୍ନ ହୋଇଥାଏ। ଯାହା କାମନାକୁ ଜନ୍ମ ଦେଇଥାଏ। ଏଥିରୁ କ୍ରୋଧ ଉତ୍ପନ୍ନ ହୋଇଥାଏ। କ୍ରୋଧରୁ ମୋହ ଏବଂ ମୋହ ସ୍ମୃତିଶକ୍ତିକୁ ଭ୍ରମିତ କରିଥାଏ। ସ୍ମୃତି ଲୋପ ପାଇଗଲେ ଉଚିତ-ଅନୁଚିତ୍ ବିଚାର କରୁଥିବା ବୁଦ୍ଧି ନଷ୍ଟ ହୋଇଯାଇଥାଏ। ବୁଦ୍ଧି ନଷ୍ଟ ହୋଇଗଲେ ସ୍ୱୟଂ ମନୁଷ୍ୟ ନଷ୍ଟ ହୋଇଯାଇଥାଏ। ଯେଉଁ ମୂଢ଼ବୁଦ୍ଧି ଇନ୍ଦ୍ରିୟକୁ ହଟପୂର୍ବକ ନିୟନ୍ତ୍ରଣ କରି ମନରେ ତାର ଚିନ୍ତନ କରିଥାଏ, ସେ ମିଥ୍ୟାଚାରୀ ହୋଇଥାଏ। କିନ୍ତୁ ଯିଏ ଇନ୍ଦ୍ରିୟକୁ ମନ ଦ୍ୱାରା ସଂଯମ କରିଥାଏ ସେ ନିରାସକ୍ତ ହୋଇଥାଏ। ଏହା ହିଁ କର୍ମଯୋଗର ଶ୍ରେଷ୍ଠ ଆଚାରଣ। ଯିଏ ଦ୍ୱେଷ ଭାବରୁ ମୁକ୍ତ ହୋଇଥାଏ, ନିସ୍ୱାର୍ଥୀ ହୋଇଥାଏ, ସମସ୍ତଙ୍କୁ ପ୍ରେମ କରିଥାଏ ଏବଂ ଦୟାଳୁ ତଥା ମମତାମୟ ହୋଇଥାଏ, ଅହଂକାର ମୁକ୍ତ ହୋଇଥାଏ, ସୁଖ-ଦୁଃଖରେ ସମାନ ଅନୁଭବ କରିଥାଏ ଏବଂ କ୍ଷମାଶୀଳ ହୋଇଥାଏ। ନିରନ୍ତର ସନ୍ତୁଷ୍ଟ ରହିଥାଏ। ମନ ଏବଂ ଶରୀରକୁ ନିଜ ନିୟନ୍ତ୍ରଣରେ ରଖି ଦୃଢ଼ ସଂକଳ୍ପବଦ୍ଧ ହୋଇଥାଏ, ସେଭଳି ଭକ୍ତ ମୋର ଅତିପ୍ରିୟ। ମନରେ ପ୍ରସନ୍ନତା, ଶାନ୍ତ ଭାବ, ଭଗବାନ ଚିନ୍ତନର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣ ଭାବନାର ପବିତ୍ରତାକୁ ମନ ସମ୍ବନ୍ଧୀୟ ତପ କୁହାଯାଏ।



**—ଡଃ. ଅରୁନ୍ଧତୀ ଦେବୀ,** ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ: ୯୯୩୭୧୭୨୮୧୦

# ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



କେନ୍ଦୁଝର (ପିଏନ୍). ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ତରଫରୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସଅଳ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡି.ଇ.ଆଇ.ସି.) ଆନୁକୂଲ୍ୟରେ ତା ୦୩.୧୨.୨୦୨୨ରିଖ ଶନିବାର ଦିନ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କିଶୋର କୁମାର ପୃଷ୍ଟି ଯୋଗଦେଇ ଭିନ୍ନକ୍ଷମମାନଙ୍କୁ ସବୁବେଳେ ସମ୍ମାନ ଦେବା ଏବଂ ଅବହେଳିତ ନକରି ସେମାନଙ୍କୁ ଉପଯୁକ୍ତ ସେବା, ସ୍ନେହ ଆଦର କରିବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବାକୁ ସମସ୍ତଙ୍କୁ କହିଥିଲେ । ସନ୍ଥକବି ଭୀମଭୋଇ ଜଣେ ଭିନ୍ନକ୍ଷମ ହୋଇ ମଧ ସେ ସାରା ଦେଶରେ ନିଜର ପରିଚୟ ସୃଷ୍ଟି କରିଛନ୍ତି । ତେଣୁ ଭିନ୍ନକ୍ଷମମାନେ ଉପଯୁକ୍ତ ସୁବିଧା ସୁଯୋଗ ପାଇଲେ ଅଲିମ୍ପିକ୍ ଭଳି ଆନ୍ତର୍ଜାତୀୟସ୍ତରରେ ଖେଳି ଜିଲ୍ଲା ତଥା ଦେଶର ଗୌରବ ବଢାଇପାରିବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳ ହୋଇପାରିବେ ବୋଲି ସିଡିଏମ୍ପିଏଚ୍ଓ ଡାଃ ପୃଷ୍ଟି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ଲଲାଟେନ୍ଦୁ ନାୟକ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡାଃ ଦେବେନ୍ ଦାସ ଏବଂ ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟରନ ବରାଳ ଯୋଗଦେଇ ଭିନ୍ନକ୍ଷମମାନଙ୍କ ମଧ୍ୟରେ ଲୁକ୍କାୟିତ ଥିବା ପ୍ରତିଭାକୁ ବିକଶିତ କରି ଭବିଷ୍ୟତରେ ସେମାନେ ଜଣେ ଜଣେ ଭଲ ମଣିଷରେ ପରିଣତ ହୋଇ ଏକ ସୁସ୍ଥ ସମାଜ ଗଠନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ । ତେଣୁ ଭିନ୍ନକ୍ଷମମାନଙ୍କୁ ଉପେକ୍ଷା ନ କରି ସେମାନଙ୍କର ପ୍ରତି ସହାନୁଭୂତି, ସ୍ନେହ, ଶ୍ରଦ୍ଧା ଏବଂ ସାହାଯ୍ୟର ହାତ ବଢାଇବାକୁ ନିବେଦନ କରିଥିଲେ । ପ୍ରାରମ୍ଭରେ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ସ୍ୱାଗତଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଡି.ଆଇ.ଇ.ସି.ର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଭିନ୍ନକ୍ଷମ ପିଲାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ମାଧ୍ୟମରେ ଚିତ୍ରାଙ୍କନ, ମ୍ୟୁଜିକ୍ ଚେୟାର, ନୃତ୍ୟ ଓ ସଙ୍ଗୀତ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# —ମାଟିର ସୁରକ୍ଷା—



**ମା'** ସହିତ ମାଟିକୁ ତୁଳନା କଲେ କୌଣସି ଅତ୍ୟୁକ୍ତି ହେବନାହିଁ। ମା' ତାହାର ସନ୍ତାନକୁ ସ୍ତନ୍ୟପାନ କରାଇ ଛୋଟରୁ ବଡ଼ କରାଏ। ମାଟି ଆମକୁ ଖାଦ୍ୟ ପିନ୍ଧିବାକୁ ବସ୍ତ୍ର, ରହିବା ପାଇଁ ବାସ, ରୋଷେଇ ପାଇଁ ଜାଳେଣି, ରୋଗ ପାଇଁ ଔଷଧ ଏବଂ ଉପଭୋଗ ପାଇଁ ସୌନ୍ଦର୍ଯ୍ୟ ଯୋଗାଇଥାଏ। ମାଟିରେ ଆମର ପାନୀୟ ଜଳ ସଂରକ୍ଷିତ ହୋଇ ରହିଥାଏ। ମାଟିରେ ଜନ୍ମ ନେଇ ଶେଷରେ ଆମେ ମାଟିରେ ମିଶିଯାଉ। ତେଣୁ ମୁଠାଏ ମାଟି ସହିତ ଆମର ଜୀବନ ଯେ ଜଡ଼ିତ ଏଥିରୁ ପ୍ରମାଣ ମିଳେ। ସୃଷ୍ଟିର ଏହା ଏକ ବିଚିତ୍ର ନିୟମ। ମାଟି ଯେ କେବଳ ମାନବ ସମାଜ ସହିତ ସଂଶ୍ଲିଷ୍ଟ ଏହା ଠିକ୍ ନୁହେଁ, ମାଟି ଉପରେ ଏବଂ ମାଟି ଭିତରେ ଅସଂଖ୍ୟ ବୃହତ୍ ଏବଂ କ୍ଷୁଦ୍ର ଜୀବଜନ୍ତୁ ରହନ୍ତି। ବହୁ ପଶୁପକ୍ଷୀ ଏ ମାଟିରେ ବସବାସ କରନ୍ତି। ମାଟି ଉପର ଅପେକ୍ଷା ମାଟି ଭିତରେ ମଧ ବହୁ ଅଣୁ ଜୀବାଣୁ ବାସ କରନ୍ତି। ପରୀକ୍ଷାରୁ ଜଣାପଡ଼ିଛି ଯେ ଏକ ଟେବଲ ଚାମଚରେ ରହିପାରୁ ଥିବା ମାଟିରେ ପୃଥିବରେ ଲୋକସଂଖ୍ୟା ସହ ସମାନ ଅଣୁଜୀବାଣୁ ରହିଥାନ୍ତି। ସେମାନଙ୍କ ମଧ୍ୟରୁ କେତେକ ଉପକାରୀ ଏବଂ କିଛି ଅପକାରୀ ଜୀବାଣୁ ମଧ ଅଛନ୍ତି। ଏମାନେ ସମସ୍ତେ ନିଜ ନିଜର ଜୀବନ ବଞ୍ଚାଇବା ପାଇଁ ମାଟି ଉପରେ ଏବଂ ଭିତରେ ସଂଗ୍ରାମ କରନ୍ତି। କିନ୍ତୁ ମାଟି ପ୍ରତ୍ୟେକଙ୍କର ମା' ସଦୃଶ। ମାଟି ସହିତ ଆମର ଅନେକ ଧର୍ମଭାବ ଜଡ଼ିତ। ପର୍ବପର୍ବାଣୀରେ ମାଟିରେ ବିଭିନ୍ନ ଦେବଦେବୀଙ୍କର ମୂର୍ତ୍ତି ଗଢ଼ାଯାଏ। ଧୂପ, ଦୀପ ଓ ଫୁଲଚନ୍ଦନ ଅର୍ପଣ କରି ତାଙ୍କ ପାଖରେ ନିଜକୁ ସମର୍ପଣ କରିଥାଉ। ଶେଷର ମୃଣ୍ମୟ ମୂର୍ତ୍ତିଙ୍କୁ ପାଣିରେ ବିସର୍ଜନ କରି ମାଟିରେ ମିଶାଉ। ଏହା ଏକ ଧାର୍ମିକ ଚେତନା ଏବଂ ପରମ୍ପରା।

ସନ୍ତାନ ମା'ଠାରୁ ଆଶୀର୍ବାଦ ପାଇବା ପାଇଁ ମା'ର ସେବା କରେ। ସେହିପରି ମାଟିର ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ପାଇଁ ଆମେ ସଚେତନ ହେବା ଉଚିତ। ଏକ ସର୍ବେକ୍ଷଣରୁ ଜଣାଯାଏ ଯେ, କେବଳ ବର୍ଷାଜଳରେ ବର୍ଷକୁ ପ୍ରାୟ ୫ ଟନ୍ ମାଟି ଧୋଇ ନଷ୍ଟ ହୁଏ। ଏହାଦ୍ୱାରା ମାଟି ଅନୁର୍ବର ହୁଏ। ଏହା କେବଳ ଆମର ଅସାବଧାନତା ଯୋଗୁଁ ହିଁ ହୁଏ। ମାଟିକୁ ଅଧିକ ଥର କର୍ଷଣ କରିବା ଏବଂ ଗଭୀର ଚାଷ କରିବା ଦ୍ୱାରା ମାଟି ଧୋଇହୋଇ ନଷ୍ଟ ହୁଏ। ଫସଲ ଚାଷ ଏବଂ ଗଛ ଲଗାଇବା ଦ୍ୱାରା ମାଟି ଗଛର ଚେର ଦ୍ୱାରା ଜାବୁଡ଼ି ହୋଇ ରହେ। ଗଛ କାଟିବା ଏବଂ ଜଙ୍ଗଲ ପୋଡ଼ିବା ଦ୍ୱାରା ମାଟି ଧୋଇ ହୋଇ ନଷ୍ଟ ହୁଏ। ମାଟି ମା'ର ସୁରକ୍ଷା ପାଇଁ ଆମେ ସର୍ବଦା ସଚେତନ ରହିବା ଉଚିତ। ଏଥିପାଇଁ ପୁରୁଣା ଜଙ୍ଗଲର ସୁରକ୍ଷା ଏବଂ ନୂତନ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ରହିଛି। ବର୍ଷା ଜଳକୁ କ୍ଷୀପ୍ର ବେଗରେ ବହିବାକୁ ନ ଦେଇ ଏହାର ସ୍ରୋତକୁ ନିୟନ୍ତ୍ରଣ କରିବା ଉଚିତ। ଢ଼ିପ ଏବଂ ଖାଲଜମି ମଧ୍ୟରେ ବ୍ୟବଧାନ କମାଇବା ପାଇଁ ଆଡ଼ିବନ୍ଧ ପକାଇବା ଆବଶ୍ୟକ। ଜମିକୁ ଅଧିକ ଜଳସେଚନ ନ କରି ବର୍ଷାଜଳର ସଦ୍‌ବ୍ୟବହାର କରି ଫସଲ ଚାଷ କଲେ ମାଟି ସୁରକ୍ଷିତ ରହିବ। ଜମିକୁ ପଡ଼ିଆ ନ ରଖି ଫସଲ ଦ୍ୱାରା ଘୋଡ଼ାଇ ରଖିଲେ ଅଧିକ ଅମଳ ମିଳିବା ସହ ମାଟି ସୁରକ୍ଷିତ ରହିବ। ପରିବେଶକୁ ସୁରକ୍ଷିତ ରଖି ସୁସ୍ଥ ଜୀବନଯାପନ ପାଇଁ ମାଟି ମା'କୁ ସୁରକ୍ଷିତ ରଖିପାରିଲେ ଆମର ଭବିଷ୍ୟତ ବଂଶଧର ମଧ ସୁରକ୍ଷିତ ରହିବେ।

**ଶ୍ୟାମସୁନ୍ଦର ସାମଲ,** ବିଡ଼ାନାସୀ ବନ୍ଧଛକ, କଟକ, ଦୂରଭାଷ : ୯୭୭୮୬୩୫୯୨୬

# ବରିଷ୍ଠ ସାମ୍ବାଦିକ ବୈଷ୍ଣବ ଜେନାଙ୍କ ହୃଦ୍‌ଘାତରେ ପରଲୋକ



ଭୁବନେଶ୍ୱର (ପିଏନ୍): ବରିଷ୍ଠ ସାମ୍ବାଦିକ, ସ୍ତମ୍ଭକାର ବୈଷ୍ଣବ ଚରଣ ଜେନା ଆଉ ଇହଜଗତରେ ନାହାନ୍ତି। ଶନିବାର ଭୋର ପବିତ୍ର ଏକାଦଶୀ ତିଥିରେ ସେ ପରଲୋକ ଗମନ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୬୮ବର୍ଷ ବୟସ ହୋଇଥିଲା। ତାଙ୍କର ବିଧବା ପତ୍ନୀ ଓ ଦୁଇ ପୁତ୍ର ଅଛନ୍ତି। ତାଙ୍କର ହୃଦଘାତରେ ଦେହାନ୍ତ ହୋଇଥିଲା ବୋଲି କ୍ୟାପିଟାଲ ହସପିଟାଲର ଡାକ୍ତର ସୂଚନା ଦେଇଛନ୍ତି। ତାଙ୍କର ମରଶରୀରର ବରୀ ଡେରାବିଶ ନିର୍ବାଚନ ମଣ୍ଡଳୀର ବେଞ୍ଚାରାପୁର ଗ୍ରାମକୁ ନିଆଯାଇ ସଂସ୍କାର କରାଯାଇଥିଲା। ବଡ଼ପୁଅ ବଦ୍ରିନାରାୟଣ ଜେନା ମୁଖାଗ୍ନି ଦେଇଥିଲେ। ଯାଜପୁର ଜିଲ୍ଲା ବରୀରେ ଜନ୍ମଲାଭ କରିଥିବା ସ୍ୱର୍ଗତ ଜେନା ଥିଲେ ଜଣେ ଆଗଧାଡ଼ିର ସାମ୍ବାଦିକ। ତାଙ୍କର ଇଂରାଜୀ ଓ ଓଡ଼ିଆ ଭାଷାରେ ବେଶ୍ ଦକ୍ଷତା ଥିଲା। ବିଧାନସଭା ରିପୋର୍ଟିଂରେ ସେ ଏତେ ପାରଙ୍ଗମ ଥିଲେ ଯେ, ତାଙ୍କଠାରୁ ପ୍ରାୟ ଅଧିକାଂଶ ଯୁବ ସାମ୍ବାଦିକ ଶିକ୍ଷାଲାଭ କରିଛନ୍ତି। ସେ ସାମ୍ବାଦିକତାକୁ ଆସିବା ପୂର୍ବରୁ କୋରାପୁଟରେ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ଥିଲେ। ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତିଙ୍କର ସୂଚନା ଅଧିକାରୀ ଭାବେ ସେ କିଛିଦିନ କାର୍ଯ୍ୟ କରିଥିଲେ। ଦୈନିକ ସମ୍ବାଦପତ୍ର 'ମାତୃଭାଷା'ର ରାଜ୍ୟସ୍ତରୀୟ ପ୍ରତିନିଧି ଭାବେ କାର୍ଯ୍ୟ କରିଥିଲେ। ସେ ଏବେ ମୁକ୍ତବୃତ୍ତ ସମ୍ବାଦିକ ଭାବେ କାର୍ଯ୍ୟକରି ବିଭିନ୍ନ ସମ୍ବାଦପତ୍ରମାନଙ୍କରେ ଲେଖାମାନ ପ୍ରକାଶ କରୁଥିଲେ। ସେ ସବୁବେଳେ ସକାରାତ୍ମକ ମନୋଭାବ ନେଇ କାର୍ଯ୍ୟ କରିଥାନ୍ତି। ବୈଷ୍ଣବ ଜେନାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ତାଙ୍କର ୟୁନିଟ୍-୩ ସ୍ଥିତ ସରକାରୀ ବାସଭବନରେ ସାମ୍ବାଦିକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସ୍ୱର୍ଗତଃ ଜେନାଙ୍କ ବିୟୋଗରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ବିଧାୟକ ଦେବାଶିଷ ନାୟକ, ବିଧାୟକ ପ୍ରଶାନ୍ତ ମୁଦୁଲି, ଶ୍ରମିକ ନେତା ମହେନ୍ଦ୍ର ପରିଡ଼ା, ପାଣ୍ଡବ ନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରାଜ୍ୟ ଜଙ୍ଗଲ, ପରିବେଶ, ପାନୀୟ ଜଳ, ପଂଚାୟତରାଜ ଓ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିରୋଧୀ ଦଳ ସଚେତକ ତାରାପ୍ରସାଦ ବାହିନୀପତି, ପୂର୍ବତନ ବିଧାୟକ ପ୍ରଭାତରଂଜନ ବିଶ୍ୱାଳ, ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ଓ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିବା ସହିତ ତାଙ୍କ ଅମରଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି। ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶାଳୟ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପଠାଣୀ ରାଉତ ସ୍ୱର୍ଗତଃ ଜେନାଙ୍କ ବାସଭବନକୁ ଯାଇ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶେଷ ଦର୍ଶନ କରିଛନ୍ତି। ତାଙ୍କ ପାର୍ଥିବ ଶରୀରରେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, କେ. ରବି, ଦେବୀ ପଟ୍ଟନାୟକ, ବିପିନ ସିଂହ, ଧୀରେନ୍ଦ୍ର ମିଶ୍ର, ବିବେକାନନ୍ଦ ଜେନା, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ବିଭୂତିଭୂଷଣ କର, ପ୍ରସନ୍ନ ମହାନ୍ତି, ବିଜୟ ପଣ୍ଡା, ଜିତେନ୍ଦ୍ର ପଟ୍ଟନାୟକ, ଶୀତଳ ତରଙ୍ଗ ବେଉରିଆ, ମାଧବାନନ୍ଦ ବେଉରା, ଦେବକାନ୍ତ ମହାପାତ୍ର, ବିଜୟ ପଣ୍ଡା, ପ୍ରକାଶ ସେଠୀ, ସଂଜୟ ପ୍ରଧାନ, ପରେଶ ଜେନା, ରବିପ୍ରିୟ ଦାସ, ବଳଭଦ୍ର ଦାସ, ଶୁଭାଶିଷ ମହାନ୍ତି, ଅକ୍ଷୟ କୁମାର ପତି, ହର ଦାସ, ଗୋପବନ୍ଧୁ ବାରିକ, କିଶୋର ରଥ, ପ୍ରମୋଦ ସାମନ୍ତରାୟ, ପ୍ରଦ୍ୟୁମ୍ନ ଶତପଥୀ, ଦେବୁ ପଟ୍ଟନାୟକ ଓ ପ୍ରମୋଦ ଦାସ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।



# ନଗର ଚିକିତ୍ସାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ବ୍ରହ୍ମପୁର (ପିଏନ୍): ବ୍ରହ୍ମପୁର ନଗର ଚିକିତ୍ସାଳୟରେ କାର୍ଯ୍ୟରତ ଡ଼ାକ୍ତରଙ୍କ ଠାରୁ ଆରମ୍ଭ କରି ଗ୍ରୁପ୍ ଡ଼ି କର୍ମଚାରୀମାନେ ଦାୟିତ୍ୱ କର୍ତ୍ତବ୍ୟ ପ୍ରତି ଅଧିକ ଧ୍ୟାନ ଦେଇ ସେବା କ୍ଷେତ୍ରରେ ପାରଦର୍ଶିତା ଦେଖାଇ ପାରିଲେ ନଗର ଚିକିତ୍ସାଳୟର ସୁନାମ ବୃଦ୍ଧି ପାଇବ ବୋଲି ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ (ମେଡିକାଲ) ଡ଼ା. ବିଶ୍ୱମ୍ଭର ବେହେରା ପ୍ରକାଶ କରିଛନ୍ତି। ସ୍ଥାନୀୟ ନଗର ଚିକିତ୍ସାଳୟର କର୍ମଚାରୀ ବିପ୍ର ନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ପ୍ରୋଭିଜିନାଲ୍ ପେନସନ୍ ସହିତ ଉପହାର ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ରାଜ୍ୟ ହିନ୍ଦ ମଜଦୁର ସଭାର ଉପସଭାପତି ତଥା ବରିଷ୍ଠ ଉପଦେଷ୍ଟା ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସଂଘର ସମ୍ପାଦିକା ରେଣୁପ୍ରିୟା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଥମେ ମେଡିକାଲ କର୍ମଚାରୀ ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ବିଶ୍ୱନାଥ ପଣ୍ଡିତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନଗର ଚିକିତ୍ସାଳୟର ବରିଷ୍ଠ ଅଧିକାରୀ ଉଷାରାଣୀ ପଟ୍ଟନାୟକ, ଅରୁଣ କୁମାର ପଣ୍ଡା, ରାଜ୍ୟ ଯୁଗ୍ମ ସମ୍ପାଦକ ରବିନ୍ଦ୍ର ନାୟକ, ସଂଘର କୋଷାଧ୍ୟକ୍ଷ ଟୁନା ଜେନା, ରାଜ୍ୟ ଉପସଭାପତି ସୁକାନ୍ତ ମୁଖୀ, ଏମକେସିଜି ମେଡିକାଲ କଲେଜ ସଂଘର ଉପଦେଷ୍ଟା ଲାଲୁମୋହନ ବେହେରା, ସମ୍ପାଦକ ରାଜୁ ଚିନ୍ନା, ଜିଲା ସଂଘର ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ପଣ୍ଡିତ, କାର୍ଯ୍ୟକାରୀ ସମ୍ପାଦକ ରଞ୍ଜନ କୁମାର ବେଜ ପ୍ରମୁଖ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଅବସର ନେଇଥିବା କର୍ମଚାରୀଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ସଭାପତି ଶ୍ରୀ ରଥ ନଗର ଚିକିତ୍ସାଳୟରେ ନୂତନ କୋଠା ନିର୍ମାଣ ହେଉଥିଲେ ମଧ ସେହି ତୁଳନାରେ କର୍ମଚାରୀ ନିଯୁକ୍ତି ହେଉନଥିବାରୁ ଉଦବେଗ ପ୍ରକାଶ କରିଥିଲେ।

# ଦିବ୍ୟାଙ୍ଗ କାହା ଉପରେ ବୋଝ ନୁହଁନ୍ତି



ଭୁବନେଶ୍ୱର (ପିଏନ୍): ଦିବ୍ୟାଙ୍ଗ କାହା ଉପରେ ବୋଝ ନୁହଁନ୍ତି। ସେମାନେ ଅନ୍ୟମାନଙ୍କ ଭଳି ସକ୍ଷମ। ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପରିବାର ପ୍ରତିପୋଷଣ କରିବାର ଅଜସ୍ର ଉଦାହରଣ ରହିଛି। ଦିବ୍ୟାଙ୍ଗ ଶିଶୁମାନଙ୍କୁ ଭିନ୍ନ ନଜରରେ ଦେଖିବା ଠିକ୍ ନୁହେଁ। ସେମାନଙ୍କ ସମାଜର ସ୍ୱତନ୍ତ୍ର ସ୍ଥାନ ରହିଛି। ସେମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦେଇ ସମାଜର ମୁଖ୍ୟସ୍ରୋତରେ ସାମିଲ କଲେ ସେମାନେ ଆଗକୁ ବଢିପାରିବେ। ସେମାନଙ୍କ ମଧ୍ୟରେ ଥିବା ପ୍ରତିଭା ପ୍ରସ୍ଫୁଟିତ ହୋଇପାରିବ ବୋଲି ବିଛନ୍ଦ ଟ୍ରଷ୍ଟ ଅଫ୍ ୱେଲଫେୟାର, ଭୁବନେଶ୍ୱର ପକ୍ଷରୁ ନନ୍ଦନକାନନ ନିକଟସ୍ଥ ତିଳୋତ୍ତମା ମଣ୍ଡପଠାରେ ଆୟୋଜିତ ଓ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ଟ୍ରଷ୍ଟର ସଭାପତି ପ୍ରକାଶ କୁମାର ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସୌଭାଗ୍ୟ ରାଉତରାୟ, ସମ୍ମାନିତ ଅତିଥି ରୂପେ ଆଇନଜୀବୀ ମନୋଜ କୁମାର ମିଶ୍ର, ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଳ, ସାମାଜିକ କର୍ମୀ ସୁଶାନ୍ତ ସାହୁ, ଚାରୁଲତା ସାହୁ, ମନୋଜ କୁମାର ସ୍ୱାଇଁ, ଦୀପକ କୁମାର ସ୍ୱାଇଁ, ତ୍ରିଲୋଚନ ବେଉରା, ପ୍ରବୀଣ ପ୍ରଧାନ, ପ୍ରିୟବ୍ରତ ପଣ୍ଡା, ଶକ୍ତି ପ୍ରସାଦ ବଳିଆର ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକଶହ ଦିବ୍ୟାଙ୍ଗମାନଙ୍କୁ ଟ୍ରଷ୍ଟ ପକ୍ଷରୁ କମ୍ବଳ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନାଲକୋ, ୟୁକୋ ବ୍ୟାଙ୍କ, ପାରାଦ୍ୱୀପ ଫସ୍‌ଫେଟସ୍ ଲିମିଟେଡ଼, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଏବଂ ଶାନ୍ତିଧାମ ଫାଉଣ୍ଡେସନ ପ୍ରମୁଖ ଅନୁଷ୍ଠାନ ସହଯୋଗର ହାତ ଏହି ପରିପ୍ରେକ୍ଷୀରେ ବଢାଇଥିଲେ।


## DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G, Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com







ଓଡିଶା ସ୍ପେସିଆଲ ଏଡୁକେଟର ଫେଡେରେସନ ଫର ଦିବ୍ୟାଙ୍ଗର ଗଣଧାରଣା

# ଓଡ଼ିଶାର ନାରୀ ଜାଗରଣ ଅଗ୍ରଦୂତ ମା ରମାଦେବୀ

**ଭୁବନେଶ୍ୱର, (ପିଏନ)**-ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ନେତ୍ରୀ, ଓଡ଼ିଶାର ସମସ୍ତଙ୍କ ପ୍ରିୟ ମା' ରମାଦେବୀଙ୍କ ୧୨୩ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ବିଭିନ୍ନ ସଂଗଠନର ମିଳିତ ଆନୁକୂଲ୍ୟରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରୀମାନଙ୍କୁ ନେଇ ମା' ଭଗବତୀ ଲଉଡ଼ି ନୃତ୍ୟ ଦଳ ଓ ଲକ୍ଷେଶ୍ୱର ଆଂଚଳିକ ସଂକୀର୍ତନ ଦଳ ପକ୍ଷରୁ ଲଉଡ଼ି ଓ ସଂକୀର୍ତନ ଶୋଭାଯାତ୍ରା ବିଶ୍ୱବିଦ୍ୟାଳୟ ପରିକ୍ରମା କରିଥିଲା । କୁଳପତି ଡଃ ଅପରାଜିତା ଚୌଧୁରୀ, କୁଳସଚିବ ଶ୍ୟାମଳୀ ମହାପାତ୍ର, ପିଜି କାଉନ୍‌ସିଲ୍ ଅଧକ୍ଷ ଡଃ ଚଣ୍ଡୀ ଚରଣ ରଥ, ଡଃ ସସ୍ମିତା ମହାନ୍ତି ପ୍ରମୁଖ ଅତିଥିମାନଙ୍କୁ ସ୍ୱାଗତ ଜଣାଇ ଅଭିଭାଷଣ ପ୍ରଦାନ କରିଥିଲେ । ଏଥିରେ ବିଧାୟକ ପ୍ରଫୁଲ୍ଲ ସାମଲ, ଶଶିଭୂଷଣ ବେହେରା, ଅମର ପ୍ରସାଦ ଶତପଥୀ, ରମେଶ ଚନ୍ଦ୍ର ସାଏ, ମୌଷଧି ବାଗ, ଓଡ଼ିଶା ବିଧାନସଭାର ସଚିବ ଦାଶରଥି ଶତପଥୀ, ଗାନ୍ଧିବାଦୀ ପ୍ରହଲ୍ଲାଦ ସିଂହ, ରବି ନାରାୟଣ ନନ୍ଦ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଉଇ ଫର ଭୁବନେଶ୍ୱର ସଭ୍ୟବୃନ୍ଦ ଯୋଗ ଦେଇ ନିଜ ବକ୍ତବ୍ୟରେ ପ୍ରଶାସକ ଗୋପାଳ ବଲ୍ଲଭ ଦାସଙ୍କ କନ୍ୟା, ଉତ୍କଳ ଗୌରବ ମଧୁବାବୁଙ୍କ ଝିଆରୀ, ରମାଦେବୀ ପ୍ରତିଷ୍ଠିତ ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁତ୍ର ଋଷିପ୍ରାଣ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କରିଥିଲେ । ବିବାହ ପରେ ଗୋପବନ୍ଧୁ ଡେପୁଟି ଚାକିରୀ ପରିତ୍ୟାଗ କରି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ତାଙ୍କ ସାନଭାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ଭାଇବୋହୂ ମାଳତୀ ଚୌଧୁରୀ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ରମାଦେବୀ ନିଜେ ସ୍ୱାମୀଙ୍କ ପଦାଙ୍କ ଅନୁସରଣ କରି ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇ କାରାବରଣ କରିଥିଲେ । ଏହା ସହ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଖଦି କାର୍ଯ୍ୟକ୍ରମ, ମୌଳିକ ଶିକ୍ଷା ଅସ୍ପୃଶ୍ୟତା ନିରାକରଣ, ନିଶା ନିବାରଣ, ଗ୍ରାମ ସ୍ୱରାଜ ପ୍ରତିଷ୍ଠା କୁଟୀର ଶିଳ୍ପର ବିକାଶ ଓ ମହିଳା ସଶକ୍ତିକରଣରେ ନିଜକୁ ନିୟୋଜିତ କରିଥିଲେ । ଦେଶ ସ୍ୱାଧୀନତା ପରେ ସେ କୌଣସି କ୍ଷମତା ରାଜନୀତିରେ ସାମିଲ୍ ନହୋଇ ଲୋକସେବାରେ ନିଜକୁ ନିୟୋଜିତ କରିଥିଲେ ବୋଲି ମତଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ମା' ରମାଦେବୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅର୍ଗସ ଓଡ଼ିଶା ହେଲଥ କନେକ୍ଟରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଭାରତୀ ପ୍ରବୀଣ ପାୱାର

**ଭୁବନେଶ୍ୱର,(ପିଏନ)**-କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଭାରତୀ ପ୍ରବୀଣ ପାୱାର ଭୁବନେଶ୍ୱର ଠାରେ ଅର୍ଗସ ଓଡ଼ିଶା ସ୍ୱାସ୍ଥ୍ୟ ସଂଯୋଗ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ରାଜ୍ୟର ଜନସାଧାରଣଙ୍କ ଅଧିକ ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି ।

ଆୟୁଷ୍ମାନ ଭାରତ ଯୋଜନା ତ୍ୱରାନ୍ୱିତ ହେଲେ ଓଡ଼ିଶାର ଯେକୌଣସି ବ୍ୟକ୍ତି ଦେଶର ଯେକୌଣସି ସ୍ଥାନରେ ସ୍ୱାସ୍ଥ୍ୟ ସେବା ସୁବିଧା ପାଇପାରିବ। ମାତ୍ର ଦୁର୍ଭାଗ୍ୟବଶତଃ ଏହି ଯୋଜନା ଏଠାରେ ତ୍ୱରାନ୍ୱିତ ହେଉନାହିଁ । ରାଜ୍ୟ ସରକାର ଏ ବିଷୟ ଚିନ୍ତା କରି ତୁରନ୍ତ ଏହି କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ଉଚିତ ବୋଲି ଡ ପାୱାର କାର୍ଯ୍ୟକ୍ରମ ଅବସରରେ ଏହା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡ଼ିଶାରେ ଛଅ ହଜାରରୁ ଅଧିକ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଓ ସୁଧାର କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। "କେନ୍ଦ୍ର ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଅଭିଯାନ ଜରିଆରେ ରାଜ୍ୟକୁ ୧୩୪୭ କୋଟି ଟଙ୍କା ପ୍ରଦାନ କରିଛି। ରାଜ୍ୟର ପ୍ରତି ଜିଲ୍ଲାରେ ସ୍ୱାସ୍ଥ୍ୟ ଯାଂଚରେ ଉନ୍ନତି ଆଣିବାକୁ ତଥା ଭିତିଭୂମି ବିକାଶ ପାଇଁ ଆଗୁଆ ପ୍ରଯୁକ୍ତି ଉପଯୋଗ ନିମନ୍ତେ ଏହି ସହାୟତା ପ୍ରଦାନ କରାଯାଇଛି" ବୋଲି ସେ କହିଛନ୍ତି।

ଭାରତ ଜି-୨୦ରେ ସଭାପତି ପଦ ଗ୍ରହଣ କରିବା ଦେଶ ପାଇଁ ଏକ ଗର୍ବର କ୍ଷଣ ବୋଲି ଡକ୍ଟର ପାୱାର କହିଛନ୍ତି । ଭାରତ କରୋନା କାଳରେ ଏହି ଶକ୍ତି ପ୍ରଦର୍ଶନ କରିଥିବା ସେ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 'ବସୁଧୈବ କୁଟୁମ୍ବକମ'ର ବାର୍ତ୍ତା ଦେଇଛନ୍ତି ଓ ସେହି ଭାବନାରେ ପ୍ରତ୍ୟେକ ବ୍ୟକ୍ତି ଭାରତକୁ ମଜବୁତ କରିବା ପାଇଁ ନିଜର ଅବଦାନ ଦେବା ଆବଶ୍ୟକ। "ଆମେ ବର୍ତମାନ ଅମୃତକାଳ ଦେଇ ଗତି କରୁଛୁ ଓ ଦେଶକୁ କିପରି ଆହୁରି ଶକ୍ତିଶାଳୀ କରିବା ସେଥିପାଇଁ ପ୍ରୟାସ କରିବା ଉଚିତ । ସେଥିପାଇଁ ସମ୍ମିଳିତ ଉଦ୍ୟମ ହିଁ ବର୍ତମାନ ଆବଶ୍ୟକ" ବୋଲି ଡାକ୍ତର ପାୱାର କହିଛନ୍ତି ।

'ଏକ ଭାରତ ସୁସ୍ଥ ଭାରତ' ଉପରେ ଗୁରୁତ୍ୱ ଆରୋପ କରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଶେଷଜ୍ଞମାନେ ଦେଇଥିବା ପ୍ରସ୍ତାବମାନ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଲାଗୁ କରାଗଲେ ଏହା ସ୍ୱାସ୍ଥ୍ୟ ଯତ୍ନ କ୍ଷେତ୍ରରେ ଆହୁରି ଉନ୍ନତି ଆଣିବ। "ଫିଡବ୍ୟାକ ସଦାସର୍ବଦା ଆମକୁ ଉନ୍ନତି କରିବା ପାଇଁ ସହାୟକ ହୁଏ ଓ ମୁଁ ମନେକରେ ଯେ ଏହି କାର୍ଯ୍ୟକ୍ରମ ଏଥିପାଇଁ ଉଦିଷ୍ଟ ଉଦେଶ୍ୟ ପୂରଣ କରିବ" ବୋଲି ସେ କହିଥିଲେ।

ଡ. ପାୱାର ସନ୍ଧ୍ୟାରେ ଭୁବନେଶ୍ୱର ଆଂଚଳିକ ଭେଷଜ ଗବେଷଣା ସଂସ୍ଥାନ (ଆରଏମଆରସି) ର କାର୍ଯ୍ୟ ସମୀକ୍ଷା କରିଥିଲେ। କୋଭିଡ ମହାମାରୀ ସମୟରେ ଅନୁଷ୍ଠାନର କାର୍ଯ୍ୟକୁ ସେ ବିଶେଷ ରୂପେ ପ୍ରସଂଶା କରିଥିଲେ । ଏଥି ପୂର୍ବରୁ ସେ ପୁରୀ ଗସ୍ତ କରି ମହାପ୍ରଭୁଙ୍କ ଦର୍ଶନ କରିଥିଲେ ।

# ବର୍ଜ୍ୟବସ୍ତୁକୁ ସଂପଦରେ ପରିବର୍ତନ କରିବା ବର୍ତମାନ ସମୟର ସବୁଠାରୁ ବଡ଼ ଆବଶ୍ୟକତା: ଜଙ୍ଗଲ ମନ୍ତ୍ରୀ

**ଭୁବନେଶ୍ୱର,(ପିଏନ)**-ବର୍ତମାନର ଦ୍ରୁତ ଶିଳ୍ପାୟନ ଓ ଅର୍ଥନୈତିକ ପ୍ରଗତି ସମୟରେ ବର୍ଜ୍ୟବସ୍ତୁକୁ ସଂପଦରେ ପରିବର୍ତନ କରିବା ସବୁଠାରୁ ବଡ଼ ଆବଶ୍ୟକତା। ସରଳ ଭାଷାରେ ଚକ୍ରାକାର ଅର୍ଥନୀତିର ଅର୍ଥ ହେଉଛି କୌଣସି ବସ୍ତୁର ପୁନଃବ୍ୟବହାର ବା ପୁନଃଚକ୍ରଣ ବୋଲି ମେକ୍ ଇନ୍ ଓଡ଼ିଶାର ଚକ୍ରାକାର ଅର୍ଥନୀତି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ, ପଂଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ପ୍ରକାଶ କରିଛନ୍ତି । ଓଡ଼ିଶାର ଚକ୍ରାକାର ଅର୍ଥନୀତିରେ ୩୯ଟି ପ୍ରକଳ୍ପ ମାଧ୍ୟମରେ ୨୩୭୨.୩୭ କୋଟି ଟଙ୍କାର ପୁଂଜିନିବେଶ କରିବା ପାଇଁ ନିବେଶକମାନେ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ମାଧ୍ୟମରେ ୩୨୦୦ରୁ ଉର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶା ସରକାର ଉଭୟ ସରକାରୀ ଓ ବେସରକାରୀ ସଂସ୍ଥା, ତା ସହିତ ଷ୍ଟାର୍ଟଅପ୍ ମାନଙ୍କ ସହ ହାତମିଳାଇ ରାଜ୍ୟର ଚକ୍ରାକାର ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ଆଶା ରଖିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଅମାତ ଉଲ୍ଲେଖ କରିଛନ୍ତି । ଫ୍ଲାଏ ଆସ୍, ଷ୍ଟିଲ୍ ସ୍କ୍ରାପ୍, ଜିପ୍‌ସମ୍, ନାଳି କାଦୁଅ, ପ୍ଲାଷ୍ଟିକ୍, ସ୍ଲାଗ୍ ଆଦି ବର୍ଜ୍ୟବସ୍ତୁ ସମୂହକୁ ସିମେଂଟ ଓ ଇଟା ତିଆରିରେ ଓଡ଼ିଶାର କିଛି ସ୍ଥାନରେ ବ୍ୟବହାର କରାଯାଉଛି । ଏ ଦିଗରେ ଅଧିକ ସମନ୍ୱିତ ପ୍ରୟାସ ଆବଶ୍ୟକ ବୋଲି ଓଡ଼ିଶା ସରକାର ହୃଦୟଙ୍ଗମ କରିଛନ୍ତି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରକାଶ କରିଛନ୍ତି । ଦ୍ରୁତ ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ଓଡ଼ିଶାରେ ବର୍ଜ୍ୟବସ୍ତୁକୁ ବ୍ୟବହାରଯୋଗ୍ୟ ସଂପଦରେ ପରିଣତ କରିବା ପାଇଁ ଅନେକ ସୁଯୋଗ ରହିଛି । ଆମ ଓଡ଼ିଶାରେ ବିଭିନ୍ନ ସୂତ୍ରରୁ ପ୍ରାୟ ୮୫ ମିଲିୟନ୍ ଟନ୍ ବର୍ଜ୍ୟବସ୍ତୁ ସଂଗୃହୀତ ହେଉଛି, ଆମେ ସମସ୍ୟାକୁ ସମ୍ଭାବନାରେ ପରିଣତ କରିବା ପାଇଁ ବଦ୍ଧପରିକର ହେବା ଆବଶ୍ୟକ ବୋଲି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା କହିଛନ୍ତି ।

ଏହି ଅବସରରେ ଅତିଥିମାନେ ଏକ ନଲେଜ୍ ପେପରର ଉନ୍ମୋଚନ କରିଥିଲେ । ବରିଷ୍ଠ ବନସେବା ଅଧିକାରୀ ଡ. କେ. ମୁରୁଗେସନ୍ ଏହାର ମୁଖ୍ୟ ବିଷୟ ଉପରେ ଆଲୋକପାତ କରିଥିଲେ । ପ୍ରଧାନ ମୁଖ୍ୟ ବନସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ନାଲ୍‌କୋ, ଇଫ୍‌କୋ, ଜେଏସ୍‌ଡବ୍ଲ୍ୟୁ ସିମେଂଟ, ରୁନ୍ଦାୟା ରିଫାଇନିଂ, ଟାଟା, ବେଦାନ୍ତ, ହିଣ୍ଡାଲ୍‌କୋ ସମେତ ଅନେକ ଶିଳ୍ପାନୁଷ୍ଠାନ ରାଜ୍ୟରେ ଚକ୍ରାକାର ଅର୍ଥନୀତିରେ ପୁଂଜିନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ।

# ଭୁବନେଶ୍ୱର ଠାରେ 'ବାୟୁ : ମହତ୍ୱପୂର୍ଣ୍ଣ ଜୀବନଶକ୍ତି' ଅନ୍ତର୍ଜାତୀୟ ସମ୍ମିଳନୀ ଆୟୋଜିତ

**ଭୁବନେଶ୍ୱର,(ପିଏନ)**-ଭୁବନେଶ୍ୱର ଠାରେ 'ବାୟୁ : ମହତ୍ୱପୂର୍ଣ୍ଣ ଜୀବନ ଶକ୍ତି' ଉପରେ ଏକ ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀକୁ ଶନିବାର ଦିନ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏହି ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ଆଜାଦୀ କା ଅମୃତ ମହୋତ୍ସବ ଅନ୍ତର୍ଗତ ଏହି ସମ୍ମିଳନୀ ଆୟୋଜନ କରାଯାଇଛି । ପଞ୍ଚ ମହାଭୂତ ବା ସୃଷ୍ଟିର ପାଞ୍ଚଟି ମହତ୍ୱପୂର୍ଣ୍ଣ ଉପାଦାନ ସମ୍ପର୍କରେ ରହି ଆସିଥିବା ଭାରତୀୟ ବିଚାରକୁ ପ୍ରଚାରପ୍ରସାର କରିବା ଉଦ୍ଦେଶ୍ୟରେ ବିଭିନ୍ନ ସମ୍ମିଳନୀ ଶୃଙ୍ଖଳା ଆୟୋଜନ କରାଯାଉଛି । 'ବାୟୁ : ମହତ୍ୱପୂର୍ଣ୍ଣ ଜୀବନ ଶକ୍ତି' ସମ୍ମିଳନୀ ଏହି ଶୃଙ୍ଖଳାର ଏକ ଅଂଶବିଶେଷ ।

ଉଦଘାଟନୀ ସମାରୋହକୁ ସମ୍ବୋଧିତ କରି ରାଜ୍ୟପାଳ କହିଥିଲେ ଯେ, ଦେଶ ଓ ସାମଗ୍ରିକ ଭାବେ ବିଶ୍ୱ ପ୍ରତି କୃତଜ୍ଞତା ଜଣାଇବା ଲାଗି ଆଜାଦୀ କା ଅମୃତ ମହୋତ୍ସବ ଏକ ସୁଯୋଗ ଆଣିଛି । ସାମ୍ପ୍ରତିକ ସମୟରେ ବିଶ୍ୱ ବ୍ୟକ୍ତିବାଦୀ ହୋଇପଡ଼ିଛି । ସେ ଆହୁରି କହିଥିଲେ ଯେ ଏହି ସମ୍ମିଳନୀ ଜଗତ ଓ ମାନବତା ମଧ୍ୟରେ ରହିଥିବା ସମ୍ପର୍କକୁ ହୃଦୟଙ୍ଗମ କରିବା ଲାଗି ବ୍ୟକ୍ତିବିଶେଷଙ୍କୁ ସହାୟକ ହୋଇପାରିବ । ସାରା ଜଗତ ସହଯୋଗ ଓ ସହାବସ୍ଥାନ ଭାବନା ଉପରେ ଆଧାରିତ ବୋଲି ରାଜ୍ୟପାଳ କହିଥିଲେ । ସେ କହିଥିଲେ ଯେ, ବାୟୁ ତତ୍ୱ ବା ଉପାଦାନକୁ ପଂଚମହାଭୂତ ଠାରୁ ଅଲଗା କରାଯାଇପାରିବ ନାହିଁ ଏବଂ ସମସ୍ତ ଉପାଦାନକୁ ଏକତ୍ରିତ କରି ଦେଖିବା ଜରୁରି । ଆନ୍ତରିକ ଜାଗୃତି ଏହି ସମ୍ମିଳନୀର ଉଦ୍ଦେଶ୍ୟ ବୋଲି ସେ ଜୋର ଦେଇ କହିଥିଲେ । ପରିବେଶ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ।

ସମାରୋହକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଯାଦବ କହିଥିଲେ ଯେ ଉଦଘାଟନୀ ଅଧିବେଶନରେ ଯୋଗ ଦେଇଥିବାରୁ ସେ ରାଜ୍ୟପାଳଙ୍କ ପ୍ରତି କୃତଜ୍ଞ। ସମ୍ମିଳନୀରେ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ସେ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ଜଳବାୟୁ ପରିବର୍ତନ ଜନିତ ସମସ୍ୟାକୁ ଜାଣିବା ଜରୁରି । ଆମ ସମସ୍ତଙ୍କର ଦେଶ ଓ ପୃଥିବୀ ପ୍ରତି ଉତରଦାୟିତ୍ୱ ରହିଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ ।

କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶ ବାୟୁ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଦିଗରେ ବିଶେଷ ପ୍ରଗତି ହାସଲ କରିଛି । ଶକ୍ତି କ୍ଷେତ୍ର ପାଇଁ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଇଛି ଏବଂ ଅନ୍ତର୍ଜାତୀୟ ସୌର ମେଣ୍ଟର ପ୍ରତିଷ୍ଠା କରାଯାଇଛି। ବିଦ୍ୟୁତ ଚାଳିତ ବାହନକୁ ପ୍ରୋତ୍ସାହନ ଦିଆଯାଉଛି ଏବଂ ବାହନ ଚଳାଚଳ କ୍ଷେତ୍ରରେ ଇଥାନଲ ମିଶ୍ରଣକୁ ବାଧ୍ୟତାମୂଳକ କରାଯାଇଛି । ଶିଳ୍ପ କ୍ଷେତ୍ରରେ ସ୍ୱଚ୍ଛ ଇନ୍ଧନ ଆପଣାଇବାକୁ ପଦକ୍ଷେପ ନିଆଯାଇଛି । ଏକକ ବ୍ୟବହାର ବା ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ନିଷେଧ କରାଯିବା ଭଳି ପଦକ୍ଷେପ ସରକାରଙ୍କ ପ୍ରତିବଦ୍ଧତାର ଉଦାହରଣ ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ।

ସମ୍ମିଳନୀ ସମୟରେ ଆୟୋଜିତ ହେବାକୁ ଥିବା ବୈଷୟିକ ଅଧିବେଶନରେ ବିଚାରବିମର୍ଶ ଜରିଆରେ ଗୁରୁତ୍ୱପୂର୍ଣ୍ଣ ପରିଣାମ ମିଳିପାରିବ ବୋଲି କେନ୍ଦ୍ର ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ । ତେବେ ନୀତି ପ୍ରସ୍ତୁତି, ନୀତି କାର୍ଯ୍ୟକାରିତା, ଅଭିନବ ଓ ବୈଜ୍ଞାନିକ ବିକାଶ, ନୈତିକ ମୂଲ୍ୟବୋଧ ଓ ପାରମ୍ପରିକ ଜ୍ଞାନ ଆଦି ବିଷୟ ଉପରେ ଆଲୋଚନା କରାଯିବା ଉଚିତ୍। ଜଳବାୟୁ ପରିବର୍ତନ ବିରୋଧରେ ପ୍ରଭାବୀ ପଦକ୍ଷେପ ଗ୍ରହଣ କରିବାକୁ ହେଲେ ଏସବୁ ଦିଗ ପ୍ରତି ଧ୍ୟାନ ଦିଆଯିବା ଜରୁରି ।

ସମ୍ମିଳନୀ ଅବସରରେ, ସ୍ୱଚ୍ଛ ବାୟୁ ସର୍ବେକ୍ଷଣ ୨୦୨୨ ଉପରେ ଆଧାରିତ 'ଜାତୀୟ ସ୍ୱଚ୍ଛ ବାୟୁ ସହର' ପୁରସ୍କାର ୯ଟି ଶ୍ରେଷ୍ଠ ସହରକୁ ଦିଆଯାଇଥିଲା । ବାୟୁ ଗୁଣବତା ଲକ୍ଷ୍ୟ ହାସଲ କରିଥିବା ଏବଂ ସୁଧାର, ନିରାକରଣ ଓ ପ୍ରଶମନ ପଦକ୍ଷେପ ଗ୍ରହଣ କରିଥିବା ସହରଗୁଡ଼ିକୁ ଏହି ପୁରସ୍କାର ମିଳିଥିଲା।

ଜନସଂଖ୍ୟା ଆଧାରରେ ତିନୋଟି ବର୍ଗରେ ପୁରସ୍କାର ରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ସହର ମଧ୍ୟରେ ଲକ୍ଷ୍ନୌ ଶ୍ରେଷ୍ଠ ସହର ଭାବେ ଦେଢ଼ କୋଟି ଟଙ୍କାର ପୁରସ୍କାର ରାଶି ଜିତିଥିଲା । ୨୦୧୯-୨୦ରୁ ୨୦୨୧-୨୨ ମଧ୍ୟରେ ବାୟୁ ପ୍ରଦୂଷଣର ହାରାହାରି ସ୍ତରକୁ ୩୧% ବା ପିଏମ ୧୦ ସ୍ତର ପର୍ଯ୍ୟନ୍ତ ହ୍ରାସ କରିବା ସହିତ ଅପଶିଷ୍ଟ ଓ କଠିନ ବର୍ଜ୍ୟବସ୍ତୁ ଜଳାଇବା ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଲକ୍ଷ୍ନୌ ଏହି ପୁରସ୍କାର ପାଇଥିଲା। ରାଜ୍ୟପାଳ ଓ କେନ୍ଦ୍ର ମନ୍ତ୍ରୀଙ୍କ ଠାରୁ ଲକ୍ଷ୍ନୌ ମେୟର ସୁଶ୍ରୀ ସଂଯୁକ୍ତ ଭାଟିଆ ପୁରସ୍କାର ଗ୍ରହଣ କରିଥିଲେ ।

୩-୧୦ ଲକ୍ଷ ମଧ୍ୟରେ ଜନସଂଖ୍ୟା ଥିବା ଦ୍ୱିତୀୟ ବର୍ଗର ସହର ମଧ୍ୟରେ ମୋରଦାବାଦକୁ ପ୍ରଥମ ପୁରସ୍କାର ଭାବେ ୭୫ ଲକ୍ଷ ଟଙ୍କାର ଅର୍ଥରାଶି ମିଳିଥିଲା। ଏହି ସହର ବାୟୁ ପ୍ରଦୂଷଣକୁ ୩୬% ବା ପିଏମ ୧୦ ପର୍ଯ୍ୟନ୍ତ ହ୍ରାସ କରିପାରିଛି । ତୃତୀୟ ବର୍ଗ ଅର୍ଥାତ୍ ୩ ଲକ୍ଷରୁ କମ ଜନସଂଖ୍ୟା ଥିବା ସହର ମଧ୍ୟରେ ଦେୱାସକୁ ପ୍ରଥମ ପୁରସ୍କାର ଭାବେ ୩୭.୫ ଲକ୍ଷ ଟଙ୍କାର ଅର୍ଥରାଶି ମିଳିଥିଲା । ଏହି ପୁରସ୍କାର ପ୍ରଦାନ ବ୍ୟବସ୍ଥା ଏକ ସ୍ୱଚ୍ଛ ଓ ସବୁଜ ଭାରତ ନିର୍ମାଣ ଦିଗରେ ପଦକ୍ଷେପ ନେବା ଲାଗି ଅନ୍ୟ ସହରମାନଙ୍କୁ ଅନୁପ୍ରାଣିତ କରିବ ବୋଲି ଆଶା କରାଯାଉଛି ।

ଉଦଘାଟନୀ ଅଧିବେଶନରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ମହାନଗର ନିଗମ ଆୟୁକ୍ତ, ରାଜ୍ୟ ସହରାଞ୍ଚଳ ବିକାଶ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପ୍ରଦୂଷଣ ନିୟନ୍ତ୍ରଣ ସମିତିର ବରିଷ୍ଠ ଅଧିକାରୀ ଓ ପ୍ରତିନିଧିଙ୍କ ସମେତ ପରିବେଶ ବିଜ୍ଞାନୀ, ଶିକ୍ଷାବିତ, ଛାତ୍ରଛାତ୍ରୀମାନେ ଯୋଗ ଦେଇଛନ୍ତି ।

# ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସରେ ପଦଯାତ୍ରା

**ଭୁବନେଶ୍ୱର, (ପିଏନ)**-ଭିନ୍ନକ୍ଷମମାନଙ୍କ କଲ୍ୟାଣ ନିମନ୍ତେ ନିୟୋଜନ, ସାମାଜିକ ସୁରକ୍ଷାର ଯଥେଷ୍ଟ ଆବଶ୍ୟକତା ରହିଥିବାବେଳେ ସେମାନଙ୍କ ପ୍ରତି ବୈଷମ୍ୟ ଦୂର କରିବାକୁ ହେବ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମତପ୍ରକାଶ କରିଛନ୍ତି। ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ଆଜି ସନ୍ଧ୍ୟାରେ ଉତ୍କଳ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ସାମାଜିକ-ଅର୍ଥନୈତିକ ମହାସ୍ରୋତରେ ସେମାନଙ୍କ ସଂପୃକ୍ତି ଉପରେ ଗୁରୁତ୍ୱ ଦେଇଛନ୍ତି ।

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପଣ୍ଡାଙ୍କ ସମେତ ଭୁବନେଶ୍ୱର(ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା ବକ୍ତବ୍ୟ ରଖିଥିଲେ। ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ବ୍ରତତୀ ହରିଚନ୍ଦନ ସ୍ୱାଗତ ଭାଷଣ ପ୍ରସଙ୍ଗରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ।

ଏହି ଅବସରରେ ଭିନ୍ନକ୍ଷମ ପଦାଧିକାରୀ/କର୍ମଚାରୀ ଡ. ସତ୍ୟନାରାୟଣ ମିଶ୍ର, ତ୍ରିଲୋଚନ ସାହୁ, ଭିନ୍ନକ୍ଷମ ପୁନର୍ବାସ କ୍ଷେତ୍ରରେ କୈଳାସ ଚନ୍ଦ୍ର ଷଡଙ୍ଗୀ, କ୍ରୀଡ଼ାବିତ୍ ଜି. ଡିଲେଶ୍ୱର ରାଓ ଓ ମହିଳା କ୍ରୀଡ଼ାବିତ୍ ମାଳତୀ ପାନାଉରି ଓ ପ୍ରଦର୍ଶନୀ କଳା କ୍ଷେତ୍ରରେ ଅକ୍ଷୟ ଚରଣ ପୃଷ୍ଟିଙ୍କୁ ସମ୍ମାନିତ କରାଯାଇଥିଲା । ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କା ସହ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅନୁରୂପ ଭାବରେ ପୁରୀ ଜିଲ୍ଲା ପ୍ରଶାସନକୁ ଭିନ୍ନକ୍ଷମ ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ରୂପାୟନ ପାଇଁ ୫୦ ହଜାର ଟଙ୍କା ଓ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଭିନ୍ନକ୍ଷମମାନଙ୍କ ଅଧିକାର ଉପରେ ସଚେତନତା ସୃଷ୍ଟି ନିମନ୍ତେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସକାଳେ ଶହ ଶହ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଇନ୍ଦିରା ଗାନ୍ଧୀ ପାର୍କଠାରେ ମିଳିତ ହୋଇଥିଲେ। ସେମାନଙ୍କ ସହିତ ସାମିଲ ହୋଇଥିଲେ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନଗୁଡ଼ିକର ଶିକ୍ଷକଶିକ୍ଷିକା, ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ପଦାଧିକାରୀ ଓ କର୍ମଚାରୀବୃନ୍ଦ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପତାକା ହଲାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ବ୍ୟାଣ୍ଡ ଧ୍ୱନିରେ ମୁଖରିତ ପରିବେଶରେ ପଦଯାତ୍ରୀମାନେ ଇନ୍ଦରା ପାର୍କରୁ ଯାଇ ଉତ୍କଳ ମଣ୍ଡପଠାରେ ପହଂଚିଥିଲେ । ସାରା ବାଟ ସ୍କେଟିଂରେ ଯାଇଥିଲେ ଭିନ୍ନକ୍ଷମ ଛାତ୍ରଛାତ୍ରୀ । ପଦଯାତ୍ରା ସମୟରେ ସେମାନଙ୍କୁ ରାସ୍ତାର ଦୁଇ ପାର୍ଶ୍ୱରେ ଜନସାଧାରଣ କରତାଳିରେ ଉତ୍ସାହିତ କରିଥିଲେ । ଓଡ଼ିଶୀ ସହିତ ଦାଣ୍ଡିଆ, ଭାଙ୍ଗରା ଓ ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା । କୌତୁକ ପୋଷାକରେ ସୁଶୋଭିତ ଭିନ୍ନକ୍ଷମ ଛାତ୍ରଛାତ୍ରୀ ସମସ୍ତଙ୍କ ମନ ମୋହିଥିଲେ ।




କୋଣାର୍କ ଚ଼ନ୍ଦ୍ର ଭାଗାରେ ଚ଼ାଲିଥିବା ଅର୍ନ୍ତଜାତୀୟ ବାଲୁକା କଳା ମହୋତ୍ସବରେ ସ୍ଥାନ ପାଇଥିବା ଏକ ବାଲୁକା କଳା




Bhubaneswar Monday December 05, 2022 ଭୁବନେଶ୍ୱର, ସୋମବାର, ଡିସେମ୍ବର ୦୫,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com

# ସତ କହି ଫସିଲେ କର୍ମଚାରୀ, ଶେଷରେ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେଲେ ଦିବ୍ୟାଙ୍ଗ କର୍ମଚାରୀ

କୋରାଇ, (ପିଏନ)- ଅର୍ଥ ବାଟମାରଣାକୁ ନେଇ ପ୍ରତିବାଦ କରିବା ମହଙ୍ଗା ପଡିଲା ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ । ପ୍ରତିବାଦ କରିବାର ଫଳରେ ପରିଣାମ ଚାକିରୀରୁ ବିଦାୟ । ଶେଷରେ ଥାନା ଦ୍ୱାରା ନ୍ୟାୟ ନପାଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରାସ୍ଥ ହୋଇଛନ୍ତି ଜଣେ ଦିବ୍ୟାଙ୍ଗ କର୍ମଚାରୀ । ପ୍ରତିଶୃତି ମିଳିଛି ନ୍ୟାୟ ମିଳିବ । ପ୍ରକାଶଯେ ଯାଜପୁର ଥାନା ଅନ୍ତର୍ଗତ ଚିତାଳୋ ମହାବିଦ୍ୟାଳୟର +୩ ବିଭାଗରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ ଦିବ୍ୟାଙ୍ଗ ବଳରାମ ଯେନା କାର୍ଯ୍ୟ କରନ୍ତି । ହରିଜନ ଆଦିବାସୀ ଛାତ୍ର /ଛାତ୍ରୀ ମାନଙ୍କ ପାଇଁ ଥିବା ସରକାରୀ ସୁବିଧାକୁ ହଡପ କରାଯାଉଥିବା ବେଳେ ଏହାର ପ୍ରତିବାଦ କରିଥିଲେ ବଳରାମ । ଯାହାର ଫଳ ସ୍ୱରୁପ ତାଙ୍କୁ ଜାତିଆଣା ଆକ୍ଷେପ ସହ ଚାକିରିରୁ ବିଦା କରିବାକୁ ମିଳିଛି ଧମକ । ଏନେଇ ଯାଜପୁର ଥାନାରେ ଅଭିଯୋଗ ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନହେବାରୁ ପାଣିକୋଇଲିସ୍ଥିତ ଯାଜପୁର ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ପହଂଚି ନ୍ୟାୟ ଭିକ୍ଷା କରିଛନ୍ତି ବଳରାମ । ବଳରାମ ଦୀର୍ଘ ୮ ବର୍ଷ ଧରି ଚିତାଳ ମହାବିଦ୍ୟାଳୟରେ ୪ର୍ଥ ଶ୍ରେଣୀ କର୍ମଚାରିଭାବେ କାର୍ଯ୍ୟରତ । ଗତ ୧ତାରିଖ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଦୈତ୍ୟ ପ୍ରସାଦ ମଲ୍ଲିକ ବଳରାମକୁ ଅଫିସକୁ ଡାକି କାଲି ଠାରୁ ଆଉ କଲେଜ ଆସିବୁ ନାହିଁ ବୋଲି କହିଥିଲେ । ଜଣେ ଦିବ୍ୟାଙ୍ଗକୁ ଚାକିରିରୁ ବାହାର କଲେ ସେ କଣ କରିବ ବୋଲି ଗୁହାରୀ କରିଥିଲେ ବଳରାମ । ହେଲେ ସେଠରେ ଉପସ୍ଥିତ ଥିବା ନିଶିକାନ୍ତ ରାୟ ନାମକ ଜଣେ କର୍ମଚାରି ତାଙ୍କୁ ଧମକ ଦେଇଥିଲେ । ୨ ତାରିଖ ବଳରାମ କଲେଜକୁ ଅସିବାରୁ ନିଶିକାନ୍ତ ତାଙ୍କୁ ଜାତିଆଣା ଆକ୍ଷେପ କରିବା ସହ କଲେଜରୁ ଆଗରୁ ଅନେକଙ୍କୁ ବାହାର କରିଛି ତତେ ମଧ୍ୟ ବାହାର କରିବି କହି ଧମକ ଦେଇଥିଲେ । ଏନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ ବଳରାମ । ହେଲେ କାର୍ଯ୍ୟାନୁଷ୍ଠାନ ନହେବାରୁ ଆଜି ନିଜର ଗୁହାରୀ ଜଣାଇଛନ୍ତି ଏସପିଙ୍କୁ । ତ୍ୱରୀତ କାର୍ଯ୍ୟାନୁଷ୍ଠାନ କରାଯିବାକୁ ପ୍ରତିଶୃତି ମିଳିଛି ବଳରାମଙ୍କୁ । ଆଗକୁ କଣ ଘଟୁଛି ତାହା କେବଳ ଦେଖିବାକୁ ବାକି ରହିଲା ।

# ଚୋରା ବାଇକ ସହ ଚୋର ଅଟକ, ସଦର ପୁଲିସକୁ ହସ୍ତାନ୍ତର

କୋରାଇ, (ପିଏନ)- ପାଣିକୋଇଲି ପୁଲିସ ପକ୍ଷରୁ ଚୋରା ବାଇକ ଚୋରି କରି ବିକ୍ରି କରିବା ସମୟରେ ପୁଲିସ ବାଇକ ସହ ଚୋରକୁ ଗିରଫ କରି ଯାଜପୁର ସଦର ଥାନା ପୁଲିସକୁ ହସ୍ତାନ୍ତର କରିଛି । ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ହାଟସାହି ଛକରେ ଏକ ବାଇକ ବିକ୍ରି କରିବାକୁ ଆସିଥିବା ଯୁବକଙ୍କ ଉପରେ ସ୍ଥାନୀୟ ଲୋକଙ୍କର ସନ୍ଦେହ ଉପୁଜିଥିଲା । ଫଳରେ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପାଣିକୋଇଲି ପୁଲିସ ସେଠାରେ ପହଂଚି ଅଭିଯୁକ୍ତ ଯାଜପୁର ସଦର ଥାନା ଅନ୍ତର୍ଗତ ରୁଦ୍ରପୁର ବଡବାଘସାହି ଗ୍ରାମର ପିତାମ୍ବର ସାମଲଙ୍କ ପୁଅ ଦେବଜିତ(୨୪)କୁ ବାଇକ (ଓଡି ୦୪ଡି ୦୬୧୫) ସହ ଥାନାକୁ ଆଣିଥିଲା । ତଦନ୍ତ ବେଳ ଯାଜପୁର ସଦର ଥାନା ଅନ୍ତର୍ଗତ କାଳନ୍ଦୀ ସାହୁଙ୍କ ପୁଅ ଧୂନ ସାହୁଙ୍କ ଘରୁ ବାଇକ ଚୋରି ହୋଇଥାର ସୂଚନା ମିଳିଥିଲା । ଏନେଇ ସଦର ପୁଲିସ ପାଣିକୋଇଲି ଥାନାରେ ପହଂଚି ବାଇକ ସହ ଦେବଜିତକୁ ନେଇଥିବା ସୂଚନା ମିଳିଛି ।

## ଭାରତୀୟ ଟିମ୍‌ର ସବୁ ପରିଶ୍ରମ ବେକାର

# ଶେଷ ୱିକେଟରେ ଜିତିଲା ବାଂଲାଦେଶ

**ଢାକା :** ଭାରତୀୟ ଟିମ୍‌ର ସବୁ ପରିଶ୍ରମ ବେକାର, ଶେଷ ୱିକେଟରେ ଜିତିଲା ବାଂଲାଦେଶ । ଅନ୍ତିମ ୱିକେଟ ପାଟନରସିପକୁ ଭାଙ୍ଗି ନ ପାରି ହାରିଲା ଭାରତ । ୪୬ ଓଭରରେ ୯ ୱିକେଟ ହରାଇ ୧୮୭ ରନ୍ କରିବା ସହ ବିଜୟୀ ହୋଇଛି ବାଂଲାଦେଶ । ବାଂଲାଦେଶର ମେହିଦୀ ହସନ୍ ମିରାଜ୍ ଓ ମୁସ୍ତାଫିଜୁରଙ୍କ ଅପରାଜିତ ପାରି ରୋମାଞ୍ଚକର ବିଜୟ ଦେଇଥିଲା । ଦଶମ ୱିକେଟ୍‌ରେ ୫୧ ରନ ସଂଗ୍ରହ କରି ଥିଲା ବାଂଲାଦେଶ । ଏକଦା ୧୩୬ ରନ୍‌ରେ ୯ ୱିକେଟ ହରାଇ ଦଳ ସଂକଟରେ ପଡିଥିଲା । ଏହା ପରେ ଲୋସ୍କର କରିଥିବା ଭାରତୀୟ ଦଳ ବିଜୟୀ ହେବ ବୋଲି ଆଶା ପ୍ରକାଶ ପାଇଥିଲା । ହେଲେ ଏହାକୁ ସଫଳ କରି ଦେଖାଇପାରି ନ ଥିଲେ ଭାରତୀୟ ବୋଲର ।



ଢାକାର ବଂଗବନ୍ଧୁ ଷ୍ଟାଡିୟମଠାରେ ଚାଲିଥିବା ପ୍ରଥମ ଦିନିକିଆରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ଆଗରେ ୧୮୭ରନର ବିଜୟ ଲକ୍ଷ୍ୟ ରଖିଥିଲା ଟିମ୍ ଇଣ୍ଡିଆ । କାରଣ ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୧.୨ ଓଭରରେ ଅଲଆଉଟ ହେବା ସହ ମାତ୍ର ୧୮୬ ରନ କରିଥିଲା । ଏହି ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ।

ଭାରତୀୟ ଟିମ୍ ପକ୍ଷରୁ ରୋହିତ ଶର୍ମା (ଅଧିନାୟକ) ୨୭, ଶିଖର ଧାୱନ ୭, ବିରାଟ କୋହଲି ୯, ଶ୍ରେୟସ୍ ଆୟର୍ ୨୪, କେ.ଏଲ୍. ରାହୁଲ୍ ୭୩, ୱାସିଂଟନ୍ ସୁନ୍ଦର ୧୯, ଶରଦ୍ଧୁଲ ଠାକୁର ୨, ମହମ୍ମଦ୍ ସିରାଜ ୯ ଓ କୁଳଦୀପ ସେନ ୨ ରନ୍ କରିଥିଲେ ।

ବାଂଲାଦେଶ ତରଫରୁ ସକିବୁଲ ହସନ୍ ୫ଟି, ଇବାଦତ ହୁସେନ ୪ଟି ଓ ହସନ ମିରାଜ ଗୋଟିଏ ୱିକେଟ ନେଇଥିଲେ ।

ଟାର୍ଗେଟକୁ ପିଛା କରି ବାଂଲାଦେଶ ଟିମ୍ ପକ୍ଷରୁ ଲିଟନ୍ ଦାସ (ଅଧିନାୟକ)୪୧, ଅନାମୁଲ୍ ହକ୍ ୧୪, ଶକିବ୍ ଅଲ୍ ହସନ୍ ୨୯, ମୁଶ୍‌ଫିକର୍ ରହିମ୍ ୧୮, ମହମଦୁଲ୍ଲା ୧୪, ଅଫିଫ୍ ହୋସେନ୍ ୬, ମେହିଦୀ ହସନ୍ ମିରାଜ୍ ଅପରାଜିତ ୩୮, ମୁସ୍ତାଫିଜୁର୍ ରହମନ୍ ଅପରାଜିତ ୧୦ ରନ୍ କରିଥିଲେ ।

ଭାରତ ପକ୍ଷରୁ ମହମ୍ମଦ୍ ସିରାଜ ୩ଟି, କୁଳଦୀପ ସେନ ଓ ୱାସିଂଟନ୍ ସୁନ୍ଦର ୨ଟି ଲେଖାଏଁ, ଦୀପକ ଚ଼ହର୍ ଓ ଶରଦ୍ଧୁଲ ଠାକୁର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

### ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଫେରାଦ ହେଲେ ବିଜେଡି ପ୍ରତିନିଧି ଦଳ

# ଭୋଟରଙ୍କୁ କିଣିବା ଲାଗି ପଦ୍ମପୁରରେ ଖୁଲମଖୋଲା ଟଙ୍କା ବାଂଟୁଛି ବିଜେପି

ଭୁବେନଶ୍ୱର, (ପିଏନ)- ସୋମବାର ସକାଳେ ପଦ୍ମପୁରରେ ମତଦାନ ଆରମ୍ଭ ହେବ । ଏଥିପାଇଁ ପ୍ରଚାର ପ୍ରସାର ଗତକାଲି ସନ୍ଧ୍ୟାରୁ ଶେଷ ହେଲାଣି । କିନ୍ତୁ ପରାଜୟ ଭୟରେ ଆତଙ୍କିତ ବିଜେପି ନେତାମାନେ ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ଗାଁ ଗାଁ ବୁଲି ଖୁଲମଖୋଲା ଟଙ୍କା ବାଂଟୁଛନ୍ତି । ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପତ୍ନୀ ଏବଂ ମାଉସୀ ବିଭିନ୍ନ ଗାଁରେ ବୁଲି ଟଙ୍କା ବାଂଟୁଥିବା ନଜର ଆସିଥିବାବେଳେ ଜଣେ ପୂର୍ବତନ ମନ୍ତ୍ରୀ ମଧ୍ୟ ବିଜେପି ପ୍ରାର୍ଥୀଙ୍କ ପାଇଁ ଟଙ୍କା ବାଂଟୁଥିବାବେଳେ ଧରା ପଡ଼ିଛନ୍ତି । ପୁଲିସ ତାଙ୍କ ଗାଡ଼ି ଜବତ୍ କରିଛି ।

କେବଳ ଦଳୀୟ ନେତା ନୁହନ୍ତି, ଏକ ବୈଦ୍ୟୁତିକ ଗଣମାଧ୍ୟମର ୪୦ରୁ ୪୫ଟି ଟିମ୍ଭ ମଧ୍ୟ ଏହି ଟଙ୍କା ବଂଟା ଅଭିଯାନରେ ସାମିଲ କରାଯାଇଛି । ଏମାନେ ନିଜ ଗାଡ଼ିରେ ବିଜେପିର ଟଙ୍କା ନେଇ ଏ ଗାଁରୁ ସେ ଗାଁରେ ପହଂଚାଉଛନ୍ତି । ତେଣୁ ଆଦର୍ଶ ନିର୍ବାଚନ ଆଚରଣ ବିଧିକୁ ଦଳିମକଚି ଏଭଳି ଘୃଣ୍ୟ କାର୍ଯ୍ୟରେ ଲିପ୍ତ ଥିବା ବିଜେପି ନେତା ଏବଂ ଅର୍ଗସ ଟିଭି ବିରୋଧରେ ଆଇନ ଅନୁଯାୟୀ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବିଜୁ ଜନତା ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି ।

ଆଜି ବିଜେଡିର ପ୍ରତିନିଧିଦଳ ଏଭଳି ସଂଗିନ ଅଭିଯୋଗ ନେଇ ଚାରି ଚାରି ଥର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲେ । ପ୍ରଥମେ ମଧ୍ୟାହ୍ନରେ ସାଂସଦ ସସ୍ମିତ ପାତ୍ର ଓ ମୁଖପାତ୍ର ଲେନିନ ମହାନ୍ତିଙ୍କ ନେତୃତ୍ୱରେ ଯାଇଥିବା ବିଜେଡି ପ୍ରତିନିଧିଦଳ ପଦ୍ମପୁରରେ ବିଜେପି ପକ୍ଷରୁ ଉକ୍ତ ଟିଭିର ଟିମ୍ଗୁଡ଼ିକ କେମିତି ଗାଁ ଗାଁ ବୁଲି ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ସପକ୍ଷରେ ଭୋଟ ଦେବା ପାଇଁ ଭୋଟରଙ୍କୁ ଟଙ୍କା ବାଂଟୁଛନ୍ତି, ତାହା ବର୍ଣ୍ଣନା କରିଥିଲେ । ସେମାନେ କହିଥିଲେ ଯେ ବିଜେପିର ଟଙ୍କା ପରିବହନ ପାଇଁ ଉକ୍ତ ଟିଭିର ଭ୍ୟାନକୁ ବ୍ୟବହାର କରାଯାଉଛି । କେବଳ ସେତିକି ନୁହେଁ, ଉକ୍ତ ଟିମ୍ ବିଭିନ୍ନ ଗାଁରେ କିଛି ଲୋକଙ୍କ ହାତରେ ଟଙ୍କା ଧରାଇ ଏହି ଟଙ୍କା ସେମାନଙ୍କୁ ବିଜେଡି ଦେଇଛି ବୋଲି କ୍ୟାମେରା ଆଗରେ କହିବାକୁ କହୁଛନ୍ତି । ଆଉ ଏହି ପ୍ରାୟୋଜିତ ଦୃଶ୍ୟକୁ ନିଜ ଟିଭିରେ ଦେଖାଇ ବିଜେଡି ବିରୋଧରେ ଅପପ୍ରଚାର କରୁଛନ୍ତି । ତେଣୁ ବିଧିବଦ୍ଧ ଭାବେ ଏହାର ତଦନ୍ତ କରାଯାଉ ଏବଂ ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ଉକ୍ତ ଟିଭିର ଟିମ୍ ଏବଂ ବିଜେପି ନେତାମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ।

ଅନୁରୂପ ଭାବେ ଅପରାହ୍ନରେ ବିଜେଡିର ଆଉ ଏକ ପ୍ରତିନିଧିଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଜେପି ନେତା ଭୋଟରଙ୍କୁ ପ୍ରଭାବିତ କରିବାକୁ ଟଙ୍କା ବାଂଟୁଥିବା ଅଭିଯୋଗ ଦୋହରାଇବା ସହ ଏହାର ପ୍ରମାଣ ସ୍ୱରୂପ ଫଟୋ ଓ ଭିଡିଓ କ୍ଲିପ୍ ଦାଖଲ କରିଥିଲେ । ଏହି ଅବସରରେ ସେମାନେ ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ କରିଥିଲେ ଯେ ରାଜେଶ କୁମାର ସାହୁ ନାମକ ଜଣେ ବିଜେପି ନେତା ଭୋଟ କିଣିବା ଉଦ୍ଦେଶ୍ୟରେ ପଦ୍ମପୁର ବ୍ଲକ୍ର ବରିକେଲ୍ ପଂଚାୟତରେ ଗ୍ରାମବାସୀଙ୍କୁ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିବା ସହ ନଗଦ ଟଙ୍କା ବାଂଟୁଛନ୍ତି । ବିଜେପି ନେତା ଶ୍ରୀ ସାହୁ ଜଣେ ଗ୍ୟାସ୍ ଏଜେନ୍ସି ମାଲିକ ହୋଇଥିବାବେଳେ କିଛିଦିନ ତଳେ ତାଙ୍କ ଏଜେନ୍ସିରେ ଜିଏସ୍ଟି ଚଢ଼ଉ ହୋଇଥିଲା । ସେହିପରି ପାଇକମାଲ ବ୍ଲକ୍ ଝିଟିକି ପଂଚାୟତ ମୁନିକେଲ ଗାଁରେ ତପନ ସୁନା ନାମକ ଜଣେ ବିଜେପି କର୍ମୀ ବିଜେପି ପ୍ରାର୍ଥୀଙ୍କୁ ଭୋଟ ଦେବାଲାଗି ଗ୍ରାମବାସୀଙ୍କୁ ଟଙ୍କା ବାଂଟିଛନ୍ତି । ଉଭୟ ଘଟଣାରେ ଟଙ୍କା ବଂଟା ସମୟର ଦୃଶ୍ୟ କ୍ୟାମେରାରେ କଏଦ ହୋଇଛି । ତେଣୁ ଏହି ଦୁଇ ବିଜେପି ନେତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିବେଦନ କରିଥିଲେ । ପଦ୍ମପୁର ଏନ୍ଏସିର ଅଧକ୍ଷା ସାବିତ୍ରୀ ବାଗ ଓ ଉପାଧକ୍ଷା ଭାରତୀ ପଟ୍ଟନାୟକ ମଧ୍ୟ ବିଜେପି ନେତା ରାଜେଶ ସାହୁଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପଦ୍ମପୁରର ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ନିକଟରେ ଦାବି କରିଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ ସନ୍ଧ୍ୟାରେ ବିଜେଡିର ଆଉ ଏକ ପ୍ରତିନିଧିଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ପୁଣିଥରେ ଫେରାଦ ହୋଇ ଅଭିଯୋଗପତ୍ର ଦେବା ସାଙ୍ଗକୁ ଟଙ୍କା ବଂଟାର ପ୍ରମାଣ ସ୍ୱରୂପ ଫଟୋ ଓ ଭିଡିଓ କ୍ଲିପ୍ ଦାଖଲ କରିଥିଲା । ଅଭିଯୋଗରେ ଦର୍ଶାଯାଇଥିଲା ଯେ ବିଜେପି ନେତା ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ପଦ୍ମପୁରର ଲାଖମରା ଅଂଚଳରେ ଥିବା ତାରିଣୀ ଛକ ନିକଟରେ ଭୋଟରଙ୍କୁ ଟଙ୍କା ବାଂଟୁଥିବାବେଳେ ଧରା ପଡ଼ିଥିଲେ । ସେ ଲୋକଙ୍କୁ ଟଙ୍କା ଦେଇ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କୁ ଭୋଟ ଦେବାକୁ କହୁଥିଲେ । ତେବେ ଏହି ଟଙ୍କା ବଂଟା ବେଳେ ପୁଲିସ ତାଙ୍କୁ ଧରିଥିବାବେଳେ ତାଙ୍କ ଗାଡ଼ିକୁ ଜବତ କରିଛି । ତେଣୁ ଶ୍ରୀ ମେହେରଙ୍କ ବିରୋଧରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ବିଜେପି ନେତା ଓ କର୍ମୀମାନଙ୍କୁ ଟଙ୍କା ବଂଟାରୁ ନିବୃତ ରଖିବାକୁ ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି ରଖା ଯାଇଥିଲା ।

ସେହିପରି ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପତ୍ନୀ ସୁଲୋଚନା ଓରଫ ପ୍ରତିମା ପୁରୋହିତ ଏବଂ ମାଉସୀ ପାଇକମାଲ ବ୍ଲକ୍ର ମାଣ୍ଡିଆଡ଼ିପା ପଂଚାୟନ ଅନ୍ତର୍ଗତ ନୂଆଗାଁରେ ପ୍ରଦୀପଙ୍କ ପାଇଁ ନିର୍ବାଚନ ପ୍ରଚାର କରିବା ସହିତ ଟଙ୍କା ବାଂଟିଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକେ ଏ ନେଇ ଅଭିଯୋଗ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି ନିର୍ବାଚନ ପ୍ରଚାର ସମୟ ଗତକାଲି ଅପରାହ୍ନରୁ ଶେଷ ହେବା ସତ୍ୱେ ପ୍ରଦୀପଙ୍କ ପତ୍ନୀ ଓ ମାଉସୀ କିପରି ଆଚରଣ ବିଧି ଉଲ୍ଲଂଘନ କରି ଗାଁରେ ବୁଲି ପ୍ରଚାର କରୁଥିଲେ ଏବଂ ଟଙ୍କା ବାଂଟୁଥିଲେ ତାହା ପ୍ରଶ୍ନ କରିଛି ବିଜେଡି । ଆଜି ରାତିରେ ବିଜେଡିର ଆଉ ଏକ ପ୍ରତିନିଧିଦଳ ମୁଖ୍ୟ ନିର୍ବାଚନ ଅଧିକାରୀ ଭେଟି ଏ ନେଇ ଅବଗତ କରିବା ସହ ଏହାର ପ୍ରମାଣ ସ୍ୱରୂପ ଭିଡିଓ କ୍ଲିପ୍ ଦାଖଲ କରିଥିଲେ ଏବଂ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

କେବଳ ସେତିକି ନୁହେଁ, ପଦ୍ମପୁର ସ୍ଥିତ ଉଇନର୍ ପବ୍ଲିକ୍ ସ୍କୁଲର ମାଲିକ ଶ୍ରୀକାନ୍ତ ମିଶ୍ର ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ଲାଗି ପଦ୍ମପୁର ନିକଟସ୍ଥ ଗ୍ରାମରେ ଲୋକଙ୍କୁ ଟଙ୍କା ବାଂଟିବାବେଳେ ଗ୍ରାମବାସୀଙ୍କ ଦ୍ୱାରା ଧରା ପଡ଼ିଛନ୍ତି । ସେ ଲୋକଙ୍କ ଆକାଉଂଟକୁ ୟୁପିଆଇ ଯୋଗେ ଟଙ୍କା ଟ୍ରାନ୍ସଫର କରିଥିବା ପ୍ରମାଣ ମିଳିଥିବାରୁ ଶ୍ରୀ ମିଶ୍ରଙ୍କୁ ଏବଂ ତାଙ୍କୁ ଏହି କାର୍ଯ୍ୟରେ ଲଗାଇଥିବା ଶ୍ରୀ ପୁରୋହିତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପ୍ରତିନିଧିଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖକୁ ଫେରାଦ ହେବାକୁ ଯାଇଥିବା ବିଜେଡିର ଏହିସବୁ ପ୍ରତିନିଧିଦଳରେ ସାଂସଦ ସସ୍ମିତ ପାତ୍ର, ମୁଖପାତ୍ର ଲେନିନ ମହାନ୍ତି, ଗେ ?ତମବୁଦ୍ଧ ଦାସ, ପ୍ରିୟବ୍ରତ ମାଝୀ, ପ୍ରଶାନ୍ତ କୁମାର ସାହୁ, ଜ୍ୟୋସ୍ନାମୟୀ ପରିଡ଼ା, ଇପ୍ସିତା ସାହୁ, ସ୍ୱାଗତିକା ମହାନ୍ତି ଓ ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ଥିଲେ ।

## ବ୍ୟଞ୍ଜନ ଦ୍ୱାଦଶୀରେ ବଲାଙ୍ଗିର ରାଧାକୃଷ୍ଣ ମନ୍ଦିରରେ ଅଢ଼େଇ ଲକ୍ଷ ତୁଳସୀ ଲାଗିହେଲା

ବଲାଙ୍ଗିର,(ପିଏନ)-ଆଜି ବ୍ୟଞ୍ଜନ ଦ୍ୱାଦଶୀରେ ବଲାଙ୍ଗିରର ସର୍ବ ପୁରାତନ ରାଧାକ୍ରିଷ୍ଣଙ୍କ ମନ୍ଦିରରେ ରାଧାକୃଷ୍ଣଙ୍କୁ ଅଢେଇ ଲକ୍ଷ ତୁଳସୀ ଲଗି ହୋଇଛି । ସକାଳ ୧୦ଟା ରୁ ମହିଳା ଭକ୍ତ ମାନେ ମନ୍ଦିରର ପରିସରରେ ସମବେତ ହୋଇ ନିଜ ନିଜ ଆସନ ଗ୍ରହଣ କରି ବ୍ୟକ୍ତିଗତ ଭାବରେ ପ୍ରତ୍ୟେକେ ୧୦୦୮ ଲେଖାଏଁ ତୁଳସୀ ପ୍ରଭୁଙ୍କ ନାମ ନେଇ ଗୋଟିଏ ଗୋଟିଏ କରି ଗଣି ଟୋକାଇ ମଧ୍ୟରେ ରଖିଥିଲେ । ଅପରାହ୍ନ ୪ଟା ରେ ଗଣନା କାର୍ଯ୍ୟ ସରିବା ପରେ ରାଧାକୃଷ୍ଣ ଯୁଗଳ ମୂର୍ତିଙ୍କୁ ଲାଗିହୋଇଥିଲା । ମନେ ହେଉଥାଏ ତୁଳସୀର ପାହାଡ଼ ପଛପଟୁ ରାଧାକୃଷ୍ଣ ଉପରକୁ ଉଠି ଆସୁଛନ୍ତି । ସମସ୍ତ ତୁଳସୀ ଲାଗିଲା ପରେ ପୂଜକ ଗୋକୁଳ ମିଶ୍ର ମନ୍ଦିର ପରିସର ପରିଷ୍କାର ପରେ ଦିବସ ପାଇଁ ହୋଇଥିବା ବ୍ୟଞ୍ଜନର ଭୋଗ ଲଗାଇଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray